Our classes had been postponed for a long days. My college was an half an hour stroll from the fair. The fair extends up to two km from Barabati fort. We used to stay in the hostel for the only purpose of enjoying the fair. All the corner and nook of Cuttack get jammed up, We almost twenty friends set out for the fair, almost daily, preferably on foot. In winter chilly wind, we considered it as a good evening exercise. It was of course very difficult to rush into the crowd even with a two wheeler. We were all in a jubilant mood, I was in plan to purchase a good gift for Miss Smita, Miss Smita had already occupied a place in my mind and heart. Heart is ever thirsty and possessive of another heart, somebody's complete acceptance; even at the cost of ones own life sometimes. "With this gift, I can talk to her about my own Smita didi; I may regain my missing jewel though in another form." I was immersed in a wonderland, the rushing crowd pushed me aside, I got transfixed, the mike was annonouncing, "Miss Smita of Bhubaneswar has drowned in the river, any relative or acquaintance of her, please, come to the control office", I could not think of anything for moment, we all rushed into the spot. This place was immured by a huge crowd; the police men were busy in dispersing the multitude. I glimpsed from an arm distance, a girl shrouded with white clothes, with disheveled and wet hair covering her face is lying on the bank of the river, pale and still. I dared not to come near her. I got all the description of her from the mob, from my associates; it was no longer confusion for me to perceive, I had missed my missing jewel for ever. This college beauty was none, but my own loving Smita didi. I rolled down on the ground on the bank of the river, cried irresistibly like a child. I lost the lost for ever. The soul had given me a life, but I could not repay her anything. I felt like the whole earth was crumbling down, none of my friend was with me any more, I was alone yelling on the sand beach desperately asking the onlookers to give me back my Smita didi.

I controlled the gushing anguish. Life is a cycle, it is an unabated flow, fool... can it ever be interrupted, it is like a meandering stream, takes multiple turn on its way to the vast ocean. Where was your Smita didi for last five year after you left the school? Where was she before you come in contact with her?? Poor craven, your

ephemeral relation can never describe her existence. Attachment with a person is a weird delusion, a distraction. I gazed at the endless sky that was already mid night; a star was shining resplendently in the eastern sky.

I came back to hostel in a broken heart, the mood of fiesta ends in a perilous experience. I latched the door from inside. "Smita didi is no more on the earth", I could not believe it. My head was reeling, my body was quivering. I was struggling a lot to retire to bed, I could not. Next morning, unexpectedly papa had come to my hostel to visit me. I was feeling restless. Papa explained me, "you have profusely grown up to have a control over your emotion, and at least not to react so passionately to a situation, behave in steadfast manner. Be balanced, my child. Your worrying over the incident can never bring her back; rather you are hampering your study." Papa stayed with me for a week long, and then I was engrossed in my studies, as usual.

My final exam was over, I came back home. Those days, I was horribly busy for my career planning. It was a fine sunny morning. I had taken an appointment to meet one of my professors, and was expecting a friend to accompany me. I was hurriedly packing up my bags. My Maa shouted from verandah, "Hurry up! Somebody is waiting for you outside." I came out from home in a jet speed with my lace half tied and to my utter stupefaction found a known, charming and smiling face that had been missing for last six years, mumbling...

"Hey kid, could you recognize me ???

---

# ବିଳମ୍ବିତ ଅଶ୍ରୁ

ଅନୀଳ କୁମାର ପାଣିଗ୍ରାହୀ
ୟୁଟାହ୍ ବିଶ୍ୱବିଦ୍ୟାଳୟ, ସଲ୍ଟ୍ ଲେକ୍ ସିଟି

ବୃଦ୍ଧ ପରିତୋଷ ସୋଫାଟି ଉପରେ ଅର୍ଦ୍ଧଲମ୍ବମାନ ହୁଅନ୍ତେ ନିଦ୍ରାଗଲେ ।

ଧେଡି କୁତିଟିଏ ଧକେଇବା ଶବ୍ଦରେ ବୃଦ୍ଧ ଙ୍କ ଚେତା ଫେରିଲା । ସାମ୍ନାକୁ ଅନେଇଲେ ସେ - କାନ୍ଥଘଣ୍ଟାର ଦୋଳକ ତଥାପି ଦୋଳାୟମାନ । ତହିଁ ସୂଚିତ ସମୟ ଉପରେ ତାଙ୍କର ସନ୍ଦେହ ଜାତ ହେଲା । ଆଜିକାଲିକାର କାନ୍ଥଘଣ୍ଟା ମାନଙ୍କର କାର୍ଯ୍ୟଦକ୍ଷତା ନେଇ ସେ ଖୁବ୍ ସନ୍ଦିହାନ । ଏବେ ସେ ନିରେଖିଲେ, ତାଙ୍କୁ ଲାଗିଲା ଏ ଏକ ଭିନ୍ନ ଘଣ୍ଟା । ସନାତନ ତା' ହେଲେ ତାଙ୍କ କହିବା ମୁତାବକ ଘଣ୍ଟାଟିଏ ନେଇ ଆସିଛି! ଆଉ ସେ ପୁରୁଣା? ବୃଦ୍ଧ ଚିନ୍ତାମଗ୍ନ ହେଲେ । ଦୀର୍ଘ ସମୟ ପରେ ସେ ଖିଆଲ କରି ପାରିଲେ ଯେ ଏ ନେଇ ସନାତନ କୁ ପଚାରିବା ଉଚିତ । ସନାତନ ତା' ହେଲେ ଏକ ମସ୍ତବଡ ଠକାମିର ଶିକାର ହୋଇଛି । ଏ ନୂଆ ଘଣ୍ଟାଟିର କାର୍ଯ୍ୟକଳାପ ଟିକିଏ ବି ବିଶ୍ୱାସଜନକ ନୁହେଁ । ପ୍ରଦୋଷ ଆସିଲେ ତାକୁ କହି ସନାତନର ଛୁଟି କରିଦେବା କେମିତି ହେବ, ଭାବିଲେ । ଆଜିକାଲି ଏ ସନାତନ ବି ଠକିବା ଆରମ୍ଭ କଲାଣି ବୋଧହୁଏ ।

ଏଥର ସେ ପାଟିକଲେ,'ସନା'

ସନା ଆସିବାରୁ କଣ୍ଠ ଅଳ୍ପ ମୃଦୁ କରି ବୃଦ୍ଧ ପଚାରିଲେ,'ଘଣ୍ଟା କିଣିବା ଆଗରୁ ତୋ' ଖୋପଡିର ଚାବି ଦେଇଥିଲୁ ତ ?'

ସନା କୁ ଏ ଭଷା ଦୁର୍ବୋଧ୍ୟ ଲାଗିଲା ।

'ଆରେ ବାବୁ, କିଣିବା ସମୟ ରେ ଘଣ୍ଟା ଠିକ୍ ଚାଲୁଥିଲା କି ନାହିଁ ?' ବୃଦ୍ଧ ନିଜ କଣ୍ଠ ର ତୀବ୍ରତା ବୃଦ୍ଧି କଲେ ।

'ସାର୍, ଏ ଘଣ୍ଟା ତ ଆପଣ ବାବୁ ଙ୍କ ପଇଁ ୬ ମାସ ତଳେ ପଠେଇ ଦେଇଥିଲେ', ସନା ଛେପ ଢୋକିଲା ।

ଧର୍ମଧାରଣା ଆବର ଈଶ୍ୱର ଭକ୍ତିରେ,
ଧରନ୍ତି ଅନେକେ ଟେକ ତରକ-ଯୁକ୍ତିରେ ।
ଧାର୍ମିକ ପ୍ରେମିକ ତହିଁ ରହେ ମୂକ ଭଳି,
ଧନ୍ଦି ନ ହୁଏ ଗୁଞ୍ଜନେ ମଧୁ ଚୁମ୍ବି ଅଳି ।

ବୃଦ୍ଧ ପରିତୋଷ ଏଥର ଅପ୍ରତିଭ ଦିଶିଲେ । ଅପେକ୍ଷାକୃତ ନିମ୍ନ କଣ୍ଠରେ ପଚାରିଲେ, ' ମୁଁ କହିବା ମୁତାବକ କାଲି ନୂଆ ଘଣ୍ଟାଟିଏ ଆଣିନୁ କାହିଁକି ?'

'ସାର୍, ଆପଣ ମୋତେ କିଛି କହି ନାହାନ୍ତି ।' ସନା ସ୍ୱଗତୋକ୍ତି କଲାଭଳି ଶୁଭିଲା । ବୃଦ୍ଧ ହାତଘଣ୍ଟା ସହ କାନ୍ଥଘଣ୍ଟା ଟିକୁ ମିଳାଇଲେ । ସମୟ ଠିକ୍ ଅଛି । ଏଥର ସେ ଲାଜରା ଦିଶିଲେ ।

୬ମାସ ତଳେ ହଠାତ୍ ତାଙ୍କର ମନେ ପଡିଲା ଯେ ପ୍ରଦୋଷ ପାଇଁ ଏକ ଭଲ ଜାପାନୀ କାନ୍ଥଘଣ୍ଟା କିଣି ଦେବାପାଇଁ ସେ ବଚନବଦ୍ଧ ଥିଲେ । ଘଣ୍ଟା କିଣି ପଠେଇବା ପରେ ତାଙ୍କର ମନେ ପଡିଥିଲା ଯେ ପ୍ରଦୋଷ ଏବେ ଆଉ ଘରେ ରହୁନାହିଁ । କେବେ କେମିତି ଆସୁଛି ଦି'ଚାରି ଦିନ ପାଇଁ ।

ବୃଦ୍ଧ ଏଥର ଫାଟକ ଆଡକୁ ମୁହେଁଇଲେ । ଦୁଇଟି ଦୁର୍ଦ୍ଧାନ୍ତ ଶାର୍ଦ୍ଦୁଳବତ୍ ଠିଆ ହୋଇଛନ୍ତି ବଉଳ ଗଛ ଦୁଇଟି । ବାପା ନିଜ ହାତରେ ସେମାନଙ୍କୁ ବଢାଇଥିଲେ । ବୃଦ୍ଧ ଯାଇ ଗୋଟିକୁ କୁଣ୍ଢେଇ ପକାଇଲେ । ତାଙ୍କର ହଠାତ୍ ମନେ ପଡିଲା ବାପା କେମିତି ଅଧିକାଂଶ ସମୟ ଗଛ ମାନଙ୍କ ସହ ବିତାଉଥିଲେ । ତାଙ୍କର ଇଚ୍ଛା ହେଲା, ବାପାଙ୍କୁ ଏବେ ଏଇମିତି କୁଣ୍ଢାଇ ଧରନ୍ତେ । ତାଙ୍କ ଆଖି ଦୁଇ ସଜଳ ହେଲେ । ଝାପ୍‌ସା ଦିଶୁଥିବା ଦୂରର ସହକାର, ଆମତା ଓ କରଞ୍ଜ ଗଛ ସବୁ - ତାଙ୍କର ଇଚ୍ଛା ହେଲା, ଏମାନଙ୍କ ଗହଣରେ ଡେଇଁ ଡେଇଁ ବାପାଙ୍କୁ ଡାକନ୍ତେ । ଲୁହପୂର୍ଣ୍ଣ ଆଖିରେ ଗଛସବୁକୁ ଦେଖିବାରେ ସେ ରୋମାଞ୍ଚିତ ହେଲେ । ମନେ ପକେଇବାକୁ ଚେଷ୍ଟା କଲେ କେତେ ଦିନ ତଳେ କାନ୍ଦିଥିଲେ ସେ । ବୋଧହୁଏ ବାପାଙ୍କ ଅନ୍ତିମ ସମୟରେ ଉପସ୍ଥିତ ହୋଇ ପାରିନଥିବା ତାଙ୍କୁ ଖୁବ୍ ବାଧିଥିଲା । ତେବେ ଏତେ ଦିନ ନ କାନ୍ଦି ସେ କେମିତି ବଞ୍ଚିଥିଲେ ? ଏଥର ବଉଳ ଗଛର ପାଶରୁ ସେ ଧୀରେ ମୁକୁଳିଲେ । ବାପାଙ୍କ ହାତ ଲଗା ଗଛ ସବୁକୁ ସେ ଗୋଟି ଗୋଟି କରି ଛୁଇଁ ଗଲେ ।

ବୃଦ୍ଧ ଏଥର ଆଖି ପୋଛିଲେ । ସନ୍ଧ୍ୟା ଆଗତପ୍ରାୟ । ସେ ଏଥର ବସିବା ଉଚିତ । ସନାତନ ବୋଧହୁଏ ଚା କରିସାରିଥିବ । ତାଙ୍କର ଏକ ଭିନ୍ନ ରୁଚି - ଗୋଲମରିଚ ଗୁଣ୍ଡ ମିଶା ଲାଲ ଚା' । ଆଜିକାଲି ତାଙ୍କ ଚା' ପାନର ପୌନଃପୁନିକତା ଖୁବ୍ ବଢିଯାଇଛି । ଏବେ ସେ ଆଗଠୁଁ ବେଶ୍ ଅଧିକ ଗୋଲମରିଚ ଦରକାର କରୁଛନ୍ତି ।

ଗତ ପନ୍ଦର ଦିନ ହେଲା ପ୍ରଦୋଷ ତାଙ୍କ ପଖକୁ ଲେଖିନି କି ଫୋନ୍ ବି କରିନି । ବୃଦ୍ଧ ଚିନ୍ତିତ ହେଲେ ଓ ସନା କୁ ପଚାରି ଆଶ୍ୱସ୍ତ ହେଲେ, ଦି' ଦିନ ତଳେ ବୃଦ୍ଧ ଏଠି ପହଞ୍ଚିବା ଠିକ୍ ପରେ ପରେ ପ୍ରଦୋଷ ତଙ୍କୁ ଫୋନ୍ କରି ଅବସର ଜୀବନ ପାଇଁ ସମସ୍ତ ଶୁଭ କାମନା ଜଣାଇଥିଲା । ଏବେ ବୃଦ୍ଧ ମନେ ପକେଇଥିଲେ, ପାଞ୍ଚ ଦିନ ତଳେ - ଯେଉଁ ଦିନ ସେ ଅବସର ଗ୍ରହଣ କଲେ - ସେଦିନ ପ୍ରଦୋଷ ହାଇଦ୍ରାବାଦ ପହଞ୍ଚିଥିଲା । ବାର୍କ ରୁ ସି·ସି·ଏମ୍·ବି । ନିଜ ସହକର୍ମୀ, ଅନ୍ୟ ଗବେଷକ ତଥା ଗବେଷକ-ଛାତ୍ରମାନଙ୍କୁ ଛାଡି ସେ ଦୌଡିଥିଲେ ପ୍ରଦୋଷକୁ କୁଣ୍ଢେଇ ଧରିବା ପାଇଁ । ସେ ସେତେବେଳେ ଖୁବ୍ ପ୍ରଫୁଲ୍ଲିତ । ପ୍ରଦୋଷ କିନ୍ତୁ ଚିନ୍ତିତ । ପଚାରିଥିଲା ଏବେ ଗାଁ ରେ ତାଙ୍କର ସମୟ କେମିତି କଟିବ ବୋଲି । ଅନେକ କହିଲା, ବାର୍କ ରେ ତା ପାଖରେ ରହିବାକୁ । ବୃଦ୍ଧ ପରିତୋଷ କିନ୍ତୁ ନିର୍ବିକାର ।

ତେବେ ବେଳେ ବେଳେ ସେ କିଛି କିଛି କଥା ଭୁଲି ଯାଉଛନ୍ତି କି? 'ନା', ସ୍ୱଗତୋକ୍ତି କଲେ ସେ; ସେ ତ ଏତେ ଦିନ ହେଲା ସୁକନ୍ୟାକୁ ଭୁଲି ନାହାନ୍ତି!

ରିଟ୍ରୋପୋଜିସନାଲ୍ କେନ୍‌ସର୍ ଇଣ୍ଡକ୍‌ସନ୍ ରିସର୍ଚ୍ଚ ଗ୍ରୁପ୍‌ର ସମସ୍ତେ ଆଖି ଛଳ ଛଳ କରିଥିଲେ ପ୍ରଫେସର୍ ପରିତୋଷଙ୍କ ଅବସର ଗ୍ରହଣ ଜନିତ ଦୁଃଖରେ । ଏ ଗ୍ରୁପ୍‌ର ଜନ୍ମଦାତା ସେ ନିଜେ । ଦୀର୍ଘଦିନ ଧରି ସି·ସି·ଏମ୍·ବି· ର ଏ ରିସର୍ଚ୍ଚ ୟୁନିଟ୍ ତାଙ୍କର ଏକମାତ୍ର ଦୁନିଆଁ ଥିଲା । ତାଙ୍କର କିନ୍ତୁ ଟିକିଏ ବି ଦୁଃଖ ନ ଥିଲା । ଏବେ ବି ନାହିଁ । ତାଙ୍କ ଆଗରେ ଏବେ ତାଙ୍କ ଜୀବନର ସବୁଠୁ ବଡକାମ ... ସେ ଉଠି ଠିଆ ହେଲେ । ପାଖ ଘରକୁ ଯାଇ ବାକ୍ସଟିକୁ ଆଉଁସିଲେ, ଚୁମିଲେ । ତାଙ୍କ ଚକ୍ଷୁ ଦୁଇ ଏବେ ପୁନଃ ଅଶ୍ରୁମୟ । ହାଇଦ୍ରାବାଦ ଛାଡିବା ପୂର୍ବରୁ ସେ ନିଜ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ - ଆସି ୩/୪ଦିନ ସେ ଆରାମରେ ଘରେ ରହିବେ । ତା'ପରେ ଯାହା କିଛି । ପ୍ରଦୋଷ ବି ମାସେ ତଳେ ଛୁଟି ନେଇ ଆସିଥିଲା - ତାଙ୍କ ପାଇଁ ଘର କେମିତି ସଜା ହେବ, ସେ କ'ଣ କେମିତି ଖାଇବେ - ସବୁ ସନାତନ କୁ ବୁଝାଇ ଦେବା ପାଇଁ ।

ନାରୀଜାତି ପ୍ରତି ନ୍ୟାୟଦୃଷ୍ଟି ପଡୁ ଭାଇ,
ନିର୍ବାଧ ସ୍ୱାଧୀନତା କି ମନା ତାହା ପାଇଁ ।
ନୀର-ସମୀର-ଆଲୋକ ପ୍ରାପ୍ତି ଅଧିକାର,
ନିଶ୍ଚୟ ଅଛି ତ' ତରୁ ପରି ଲତିକାର ।

ଫାଟକ ପାଖରେ ଚୌକୀଟିଏ ରେ ବସି ପରିତୋଷ ରାସ୍ତା ଆଡକୁ ଅନେଇଥିଲେ । ଗାଁ କୁହାଯିବନି ଆଉ ଯାକୁ । ଢେର୍ ବଡ ହେଲାଣି । କିଛି ଦୂରରେ କେବେଠୁଁ ଗୋଟିଏ ପେଟ୍ରୋଲ୍ ପମ୍ପ୍ ହେଲାଣି । ଚାଷ ଜମିର ପରିମାଣ ଢେର୍ କମିଗଲାଣି । ଖାଲି ଘର ଆଉ ଘର, ବୃଦ୍ଧ ଚିନ୍ତିତ ହେଲେ । ପଛକୁ ଅନେଇଲେ । ଘର ଆଢୁଆଳରେ ପାହାଡ ଟି ଲୁଚିଯାଇଛି । ଏଥର ଫାଟକ ଡେଇଁ ରାସ୍ତାରେ ଚାଲିବାକୁ ଲାଗିଲେ ସେ । ପାହାଡରେ ଆଉ ଗୋଟିଏ ବି ଘାସ ନାହିଁ । ତାଙ୍କର ମନେ ପଡିଲା ତାଙ୍କ ୟୁନିଭରସିଁଟି ଜୀବନର କଥା । ସେଠି କେମ୍ପସ୍‌ର ଅନତି ଦୂରରେ ପାହାଡ – ଜଳ ଭଣ୍ଡାରର କଡେ କଡେ ଲମ୍ବିଯାଇଛି କାହିଁ କେତେ ଦୂର; ଗୋଟିଏ ବି ବଡ ଗଛ ନାହିଁ । ଯାହା କିଛି ବୁଦା । କେମ୍ପସ୍ ସଂନ୍ଧ୍ୟା ସବୁ ତାଙ୍କର ପାହାଡ କଡେ କଟୁଥିଲା । ସାଙ୍ଗରେ ଅଶ୍ୱିନୀ ଦୋକାନର ମିକ୍ଷ୍ଚର୍ । କି ପଣ୍ଡା ସିଏ– ସେ ଯେଉଁ ଗେଡା ଲୋକଟି, ନା'ଟି ମନେ ପଡୁନି ତାଙ୍କର । ତା'ପାଇଁ ସାରା ଦୁନିଆଟା କବିତା ଆଉ କବିତା । ଲୋକଟି ପ୍ରତି ପରିତୋଷଙ୍କର ସେତେବେଳେ ପ୍ରାଣେ ଭୟ । ସେ ଯେଉଁଠି  ଯେ କୌଣସି ମୁହୂର୍ତ୍ତରେ ଭେଟିଲେ ବି ହେଉ, କବିତା କଥା ପକେଇବ । ଆବୃତ୍ତି କରିବ ସଦ୍ୟ ରଚିତ ଗୁଡାଏ କବିତାଂଶ । କବିତା ତା' ପାଇଁ ଏକ ଅପରିହାର୍ଯ୍ୟ ଜୀବନାଂଶ ।

କେଂପସ୍ ହିଁ ଜୀବନର ତମାମ୍ ରୋମାଞ୍ଚ । ସବୁ ରୋମାଞ୍ଚ, ତମାମ୍ ବେପଥୁ କେମପସ୍ ରୁ ହିଁ ଜନ୍ମ ନେଇଥାନ୍ତି– ଏ ନେଇ ସେ ନିଃସନ୍ଦେହ ହେଲେ । ଏ ଲଣ୍ଡା ପାହାଡ– ଏଥିରେ ଖୁନ୍ଦି ହୋଇଥିବ ଅନେକ ସୁପ୍ତ ରୋମାଞ୍ଚ । ସେ ଶୂନ୍ୟକୁ ଛାତିରେ ଜଡାଇ ଧରିଲେ । ଏ ଶୂନ୍ୟତା ତାଙ୍କ ପାଇଁ ପ୍ରାୟ ସବୁ କିଛି । ତାଙ୍କର ଖୁବ୍ ଇଚ୍ଛା ହେଲା ସେ ଚିତ୍କାର କରନ୍ତେ ।

ଗୋଟିଏ ଟ୍ରକ୍‌ର ବିକଟାଳ ହର୍ଣ୍ଣ୍ ତାଙ୍କୁ ହଠାତ୍ ପ୍ରକୃତିସ୍ଥ କରିଦେଲା ।

ବୃଦ୍ଧ ଘରକୁ ଫେରିଲେ । ପୂର୍ବଦିନ ସଂନ୍ଧ୍ୟାରେ ସନାତନ ତାଙ୍କ କହିବା ମୁତାବକ ସୁନ୍ଦରଗଡ ଜିଲ୍ଲାର ମାନଚିତ୍ରଟିଏ କିଣିଆଣିଛି । ବୃଦ୍ଧଙ୍କ ପାଇଁ ସୁକନ୍ୟାର ସ୍ମୃତିହିଁ ସବୁକିଛି । ଅଥଚ ସେ ସବୁବେଳେ ତା' ଗାଁ ନାଆଁଟି ଭୁଲନ୍ତି । ବୃଦ୍ଧ ଖୁବ୍ ଦରାଣ୍ଡି ହେଲେ ତାଏରୀଟି ପାଇଁ । ପାଇଲେ, ଖୋଜି ସୁକନ୍ୟାର ଗାଁ ନା' ଟି ବି ପାଇଲେ । ଏଥର ଗାଁଟି ଖୋଜିଲେ ସୁନ୍ଦରଗଡ ମାନଚିତ୍ରରେ । ବୀରମିତ୍ରପୁର ପାଖରେ କିନ୍ତୁ ଓଡିଶା ଭିତରେ ସେ ଗାଁଟି ।

ଆଖି ବୁଜି ବୃଦ୍ଧ ପୁନଃ ଅର୍ଦ୍ଧଲମ୍ବମାନ ହେଲେ । ଏମିତି ସମୟାସମୟରେ ଆତ୍ମବିସ୍ମୃତ ହେବା ତାଙ୍କର ଆଜିକାଲିକାର ଏକ ଚରମ ବିଳାସ । ସନାତନକୁ ତାଗିଦା, ଏ ଅବସ୍ଥା ତାଙ୍କୁ ବିରକ୍ତ ନ କରିବାକୁ ।

ବୃଦ୍ଧ ହଠାତ୍ ଆଖି ଖୋଲିଲେ । ଝରକା ପାଖକୁ ଗଲେ । ବାହାରକୁ ଅନେଇଲେ । ରାତି ଦୁଇପହରର ଜ୍ୟୋସ୍ନାସ୍ନାତା ବୃକ୍ଷରାଜି । ସେ ପୁଲକିତ ହେଲେ । ଏମିତି କେତେ ଜହ୍ନରାତି ସେ ନ ବିତେଇଛନ୍ତି ଗେଷ୍ଟ ହାଉସ୍ ନିକଟ ପାହାଡ ଉପରେ! ନିର୍ଦ୍ଦିଷ୍ଟଏକ ଧଳା ପଥର ଉପରେ ସେ ବସୁଥିଲେ । ଏମିତି ତିନିଟି ଧଳା ପଥର ଥିଲା ସେଠି – ସେ ନା' ଦେଇଥିଲେ ମାର୍‌ବଲ୍ ପିଲର୍ସ୍ । ଗେଷ୍ଟ୍ ହାଉସ୍ ପଛପଟେ ଜହ୍ନ ଲିଭିଯିବା ପର୍ଯ୍ୟନ୍ତ ସେ ସୁକନ୍ୟାର ସ୍ମୃତିରେ ହଜିଯାଉଥିଲେ । ସେ ଦିନ ଆସନ୍ତା ନାଇଁ ଆଉ ? ଫେରି ଆସି ସେ ଦଣ୍ଡେ ଠିଆ ହେଉଥିଲେ ଏଲ୍·ଏଚ୍· ସାମ୍‌ନାରେ । ସେଠୁ ଫେରିଆସି ଲାଇବ୍ରେରୀ ତଳ ସବା ଉପର ପାହାଚରେ ବସୁଥିଲେ । ସାମ୍ନା ଆକାଶ ଯେତେବେଳେ ରକ୍ତିମ ହେବା ଆରମ୍ଭ କରୁଥିଲା, ସେ ପୁଣି ସୁକନ୍ୟାର ସ୍ମୃତି କୁ ନେଇ ରୁମ୍ ଭିତରକୁ ପଶୁଥିଲେ ।

ଏବେ ତାଙ୍କୁ ଖୁବ୍ ବିବ୍ରତ ଲାଗିଲା । ଧାଇଁ ଯାଆନ୍ତେ କି ଏବେ କେଂପସ୍ ? ମନ ଇଚ୍ଛା ଦେଖନ୍ତେ ସୁକନ୍ୟାକୁ ! ଦୂରରୁ, ନା ତା' ପାଖକୁ ଯାଆନ୍ତେ ? କେଜାଣି । ସେ କଣ କରନ୍ତେ ନିଜେ ଠିକ୍ କରିପାରୁନାହାନ୍ତି !

ସନାତନ ଘୁଙ୍ଗୁଡି ମାରୁଛି । ସେ ରୋଷେଇ ଘର ଭିତରକୁ ପଶିଲେ । ଖାଇବା ଜିନିଷ ସବୁ ସେମିତି ପଡିଛି । ସନାତନ ନିଜେବି ଖାଇନି ତା'ହେଲେ । କାଲି ସକାଳୁ ବାହାରିବାକୁ ପଡିବ ସୁକନ୍ୟାର ଗାଁ ଉଦ୍ଦେଶ୍ୟରେ । ସେ ସନାକୁ ଉଠେଇଲେ ।

*****

ଟ୍ରେନ୍ ଯାତ୍ରା ତାଙ୍କୁ ଖୁବ୍ ବିରକ୍ତିକର ଲାଗେ । ବରୋଦାରେ ଟ୍ରେନ୍ ପହଞ୍ଚିବ ପରଦିନ ସକାଳେ । ଗତ ଦୁଇଦିନ ସେ କେତେ ହଇରାଣ

ପୁଚ୍ଛ–ଶୃଙ୍ଗଧାରୀ ପଶୁ ନୁହଇ କେବଳ,
ପଶୁଠାରୁ ପଶୁ ଯାର ନାହିଁ ଜ୍ଞାନବଳ ।

ନ ହୋଇଛନ୍ତି ! ଅଭିମାନରେ ସେ ଓଠ କାମୁଡିଲେ । ଶେଷ ସମୟରେ ସୁକନ୍ୟା ଏମିତି ଗାଁରୁ ନିଖୋଜ ହୋଇଯାଇ କିଛି ଠିକ୍ କରିନାହିଁ । କେମିତି ଗାଁ ସେଇଟା କେଜାଣି । କେହି କାହାକୁ ଜାଣି ନାହାନ୍ତି । ସେ ଲୋକଟା କେମିତି ମନେ ପକେଇ କହିଲା ବୋଲି ସିନା ।

ସୁକନ୍ୟାର ଗାଁରେ ପହଞ୍ଚ ବୃଦ୍ଧ ପରିତୋଷ କୌଣସି ଲୋକକୁ ପାଇଲେନି ଯିଏ କି ସୁକନ୍ୟାକୁ ଜାଣିଥିବ । ଖୁବ୍ ଦୁଃଖ ଲାଗିଥିଲା ତାଙ୍କୁ । ସୁକନ୍ୟାକୁ ନ ଜାଣିବାକୁ ଏ ଲୋକମାନେ ସାହାସ କେମିତି କରିପାରିଲେ ? ବୃଦ୍ଧଙ୍କୁ ଖୁବ୍ ରାଗ ବି ଲାଗିଲା । ରୁମାଲ୍ ବାହାର କରି ବାକ୍ସଟିକୁ ପୋଛିଲେ । ତାଙ୍କୁ ଲାଗୁଛି, ଧୂଳିକଣା ସବୁ ଖୁବ୍ ବଦ୍‌ମାସ୍ । ସବୁଯାକ ଖାଲି ଏ ବାକ୍ସ ଉପରେ ବସୁଛନ୍ତି । ସେ ବାକ୍ସଟିକୁ ଚୁମିଲେ ।

ବୃଦ୍ଧ ଏବେ ଝରକା ବାହାରକୁ ଅନେଇଲେ । ଚଳନ୍ତା ଟ୍ରେନ୍‌ରୁ ଗଛ ମାନଙ୍କର ପଶ୍ଚାଦ୍ଧାବନ ଖୁବ୍ ଚମତ୍କାର । ହଠାତ୍ ତାଙ୍କର ମନେହେଲା ଗଛ ମାନେ ସେମିତି ଦୌଡୁଥିବା ଅବସ୍ଥାରେ ନିଜ ଚାରିପଟେ ବି ଘୁରୁଛନ୍ତି - ଯେମିତି ସୂର୍ଯ୍ୟ ଚାରିପଟେ ଦୌଡିବା ସଙ୍ଗେ ସଙ୍ଗେ ପୃଥିବୀ ନିଜ ଚାରିପଟେ ବି ଘୁରୁଛି ! ତାଙ୍କର ଖୁବ୍ ଇଛା ହେଲା ସୁକନ୍ୟାର ଚାରିପଟେ ସେ ଏମିତି ପ୍ରଦକ୍ଷିଣ କରନ୍ତେ ଓ ସୁକନ୍ୟା ବି ଏ ଗଛ ମାନଙ୍କ ଭଳି ନିଜ ଚାରିପଟେ ଘୁରନ୍ତା - ସବୁବେଳେ ଘୂର୍ଣ୍ଣାୟମାନ ତାଙ୍କ ପଟକୁ ମୁହଁ କରି ।

ଏଥର ବୃଦ୍ଧ ମନେ ପକେଇଲେ , ସେଠି- ସେ ଗାଁରେ ବସିଥିବା ବେଳେ - ଜନୈକ ଭଦ୍ରବ୍ୟକ୍ତିଙ୍କ ଆଗମନ । ସେ ସୁକନ୍ୟା କଥା ଶୁଣି କହିଲେ,'ଯୋଷୀ ପରିବାରକୁ ଜାଣିଛି, ଜାଣିନି ମାତ୍ର ସୁକନ୍ୟା କିଏ । ତଥାପି ସେ ପରିବାରରେ ଆପଣଙ୍କ ବୟସର ଜଣେ ଝିଅ ଥିଲେ, ସେ ବରୋଦାରେ ତାଙ୍କ ପୁଅ ପାଖରେ ରହନ୍ତି; ପୁଅ ମୋର ଚିହ୍ନା ।'

ବୃଦ୍ଧଙ୍କ ଇଛା, ଟ୍ରେନ୍ ଆହୁରି ଧୀରେ ଧୀରେ ଚାଲନ୍ତା କି ? ସେ ଘୂର୍ଣ୍ଣାୟମାନ ପଶ୍ଚାଦ୍ଧାବମାନ ଗଛମାନଙ୍କୁ ଦେଖି ଏମିତି ସୁକନ୍ୟାର ସ୍ମୃତିରେ ଆତ୍ମବିସ୍ମୃତ ହେଉଥାନ୍ତେ ।

ସେ କୋଟ୍ ପକେଟ୍‌ରୁ କାଗଜଟି ବାହାର କଲେ । ପଢିଲେ - *'ସୁକନ୍ୟା, ଦୀର୍ଘ ଛତିଶ ବର୍ଷ ତଳେ ତୁମକୁ ଜୋର୍ କରି ମୋ ଛାତି ଭିତରେ ପୂରେଇଛି ଯେ ପୂରେଇଛି; ତୁମକୁ କହିନି । ଏ ପକ୍ଷପାତିତା ପାଇଁ ମୁଁ କ୍ଷମାପ୍ରାର୍ଥୀ । ଏ ଛତିଶ ବର୍ଷ ଭିତରେ ତୁମ ପାଇଁ ମୋର ସମସ୍ତ ଉପହାର ଏ ବାକ୍ସରେ ନେଇଯାଉଛି । ହୁଏତ ଆନନ୍ଦାତିଶଯ୍ୟରେ କିଛି କହିପାରିବିନି - ଏ ଚିଠି ସବୁ କହିବ ।'*

ଏମିତି ଲେଖିବାଟା ଠିକ୍ ହୋଇଛି ? ବୃଦ୍ଧ ଚିନ୍ତାରେ ପଡିଗଲେ । କ'ଣ ଆଉ ଲେଖିବା ଉଚିତ ? ସେ ଜୀବନଟାକୁ ଶୂନ୍ୟତାର ମାପକାଠିରେ ମାପିଛନ୍ତି । ତମାମ୍ ଶୂନ୍ୟତା ତାଙ୍କ ପାଇଁ ସୁକନ୍ୟାର ଚରମ ସାନ୍ନିଧ୍ୟ । ଏ ଶୂନ୍ୟତାରୁ ଆଉ କି ଭାଷା ସେ ପାଆନ୍ତେ ? ବୃଦ୍ଧ ପୁଲକିତ ହେଲେ । ଭାବିଲେ, ଯାହା ଲେଖିଛନ୍ତି ଠିକ୍ ହିଁ ଲେଖିଛନ୍ତି ।

*****

ବରୋଦା ।

ଗାଁରୁ ଲୋକଟିଠାରୁ ପାଇଥିବା ସମ୍ଭାବ୍ୟ ଠିକଣା ଉପରେ ଆଖି ବୁଲେଇଲେ ପ୍ରଫେସର୍ ପରିତୋଷ । ସେ ଘରଟି ତ ଖୁସିରେ ପାଇଯିବେ - ଏ ଆତ୍ମପ୍ରତ୍ୟୟ ତାଙ୍କ ପାଖରେ ଥିଲା ନିଶ୍ଚୟ ।

ଫାଟକରେ ଦୁର୍ଦ୍ଦାନ୍ତ କୁକୁର - ଚିତ୍କାର କରିବା ସହ ଲମ୍ଫ ଦେଉଛି । ଧୂଳିଆ ପୋଷାକ, ନୁଖୁରା ବାଳଯୁକ୍ତ ଏ ବୃଦ୍ଧ; ହାତରେ ଏକ ଛୋଟ ବାକ୍ସ । କୋଟ୍‌ଟା ଡାହାଣ ହାତରେ ଧରିଛନ୍ତି ସେ । ଏତାଦୃଶ ବୃଦ୍ଧଟିଏକୁ କୁକୁରଟି ଆତିଥ୍ୟ ଜ୍ଞାନ କରିବାର କାରଣ ନାହିଁ - ନିଜକୁ କହିଲେ ସେ ।

ଘରୁ ଜଣେ ସୁଦର୍ଶନ ଯୁବକ ବାହାରିଲେ, କୁକୁରକୁ ଆକଟ କଲେ ।

ବୃଦ୍ଧ ଅଗଣାର ଚୌକୀରେ ବସିପଡିଲେ । କହିଲେ, 'ମୁଁ....ମୁଁ ସୁକନ୍ୟାର ଜଣେ....' ଆଉ କିଛି କହିବାକୁ ସେ ଶବ୍ଦ ପାଇପାରିଲେ ନାହିଁ ।

ଯୁବକ ହାତ ଯୋଡିଲେ; କହିଲେ ,'ଓ ଆପଣ ତା'ହେଲେ ମା'ଙ୍କ ପରିଚିତ । ମା' କିନ୍ତୁ ତିନିବର୍ଷ ହେଲା...।'

ପରପ୍ରାଣ ଚିହ୍ନି ହରିବାର ପର ବ୍ୟଥା,
ପରମ ଧର୍ମ ଏହାହିଁ ଜ୍ଞାନ ମାନବତା ।

ଯୁବକ ହୁଏତ ଆଉ କିଛି କହିପାରିନଥାନ୍ତେ । ବୃଦ୍ଧ କିଛି ସମୟ ସ୍ଥାଣୁ ହୋଇଗଲେ । କୋଟ୍ ପକେଟ୍‌ରୁ କାଗଜଟି ବାହାର କଲେ । ଆଖି ବୁଜିଲେ ଓ ଆତ୍ମବିସ୍ମୃତ ହେଲେ ।

*****

ବୃଦ୍ଧ ପ୍ରଫେସରଙ୍କ ବିଷୟରେ ଶେଷ ସମ୍ବାଦ:

ଚୌକୀ ଉପରେ ଆଉଜିବା ପରେ ବୃଦ୍ଧ ଆତ୍ମବିସ୍ମୃତିରୁ ପଛକୁ ଫେରିନଥିଲେ । ପୁଲିସ ଆସିଲେ । ଯୁବକଙ୍କ ସହାୟତାରେ କାଗଜ ପଢିଲେ । ବାକ୍ସ ଖୋଲିଲେ । ଆବିଷ୍କାର କଲେ ଗୁଡାଏ ଲଫାଫା – ଆଠଶହ ପଆଁଷଠିଟି ଲଫାଫା । ପ୍ରତିଟି ଉପରେ ତିନୋଟି ଅକ୍ଷର – ‘ସୁକନ୍ୟା‘ । ବୃଦ୍ଧ ତାଙ୍କର ଛାତ୍ରାବସ୍ଥାରେ ସୁକନ୍ୟା ନାମ୍ନୀ ଜନୈକା ଛାତ୍ରୀଙ୍କୁ ଭଲ ପାଇବସିଲେ – ଏକାନ୍ତ ଗୋପନ ପ୍ରେମ । ପ୍ରତି ୧୫ ଦିନରେ ସେ ଲେଖିବସିଲେ ପ୍ରେମପତ୍ର । ସାଇତି ରଖିଲେ ସବୁଯାକ । ଚିରକୁମାର ଏ ବୃଦ୍ଧ ଏ ପତ୍ରାବଳୀ ସୁକନ୍ୟାଙ୍କୁ ସମର୍ପିବା ସମୟକୁ ସୁକନ୍ୟା ଆଉ ନାହାନ୍ତି ।

---

## *I Was Visited by The Moon, Last Night*

**Anukta Jena Philip**
anuj_Philip@hotmail.com
Toronto, Canada

It was early morning
and I was in a deep, disturbed sleep
Sleep like Awake is disturbed these days
When I felt the calm blue light
of the Moon through the window
having forced the shear curtains aside to
Reach me.

It was so overwhelming by Calm
that I reached back for her
And in turn Reached back to the
Carefree days of childhood.

She had come to give me the glimpse
of what I could have again
If I wanted … … …

---

## ନୂଆ ଫଗୁଣ

ଡ: ପଦ୍ମାଳୟା ଗରାବଡୁ
Prantiya Convener
National Group Song Competition,
ଭାରତ ବିକାଶ ପରିଷଦ, ଓଡିଶା ପ୍ରାନ୍ତ
ଭୁବନେଶ୍ୱର, ଓଡ଼ିଶା, ଭାରତ

ସମୟର ପ୍ରବାହରେ
ବସନ୍ତର ଆଗମନୀ ସୂଚାଇ,
ଆସିଲକି ତୁମେ ନୂଆ ଫଗୁଣ!
ଦେହରେ ମୋ ପ୍ରୀତିର ପୁଲକ ଜଗାଇ
ଶୀତର ଜଡ଼ତା ଦୂରେଇ,
ମୁଁ ଅନୁଭବେ ତୁମକୁ ।

ପତ୍ରେ ପତ୍ରେ ଫୁଲେ ଫୁଲେ
କୋଇଲିର କୁହୁରେ,
ଦକ୍ଷିଣା ପବନରେ,
ବଣ ପାହାଡ଼ର ସବୁଜିମାରେ,
ଏଇ ଭୁବନକୁ କର ତୁମେ ପ୍ରୀତିର
ଅବିରରେ ଲାଲେଲାଲ୍ ।

ଦୂରେଇଯାଏ ଘୃଣା ଈର୍ଷାର କଳା, କାଳିମା ।
ସମୟ ବହିଯାଏ!
ଦିନ, ମାସ,
ବର୍ଷ ପରେ ବର୍ଷ, ଶତାବ୍ଦୀ ପରେ ଶତାବ୍ଦୀ,
କିନ୍ତୁ ତୁମେ ଆସ ପ୍ରତି ଫାଲ୍‌ଗୁନରେ
ଏଇ ପୃଥିବୀକୁ,
ନୂଆ ପ୍ରୀତି, ଅନୁରାଗର ବାର୍ତ୍ତା ନେଇ,
ନୁହଁ ତୁମେ କ୍ଲାନ୍ତ, ଅବସନ୍ନ,
ସରେନିତ!
ତୁମ ପ୍ରିତିର ନାଲି ଅବିର
ତୁମେ ପୂର୍ଣ୍ଣଗର୍ଭା,
ପ୍ରେମ, ପ୍ରିତି, ନୂତନତାର
ସବୁବେଳେ ତୁମେ ନୂଆ ଆଉ ନୂଆ,

ହେ ନୂଆ ଫଗୁଣ ।

## ନୂଆ ଫଗୁଣ (ଇଂରାଜୀ ଅନୁବାଦ)

With turn of time, you the new spring
Have set in the new month of Phalgun,
Setting a sweet shiver in me,
Driving off the chill that stills,
Kindling the stub with young leaf.
The south breeze

Cooing of the Cuckoo
Together weaving the web
In foliage green,
They whisper the arrival of thee.
The season-king, the Spring,
You spread the message of Love, Priti,
That dispels hatred, jealousy,
Fills my heart with red of play-dust,
Fills this land with red of spring.
Time flows,

Flow the months, years,
You flow off with them
To comeback again
Carrying the powder of love
To spread and sprinkle the land red.
The centuries, millennia,
Never exhaust you!
Spring,
The symbol of all that is new
The signature of love and Priti
The synonym of all that is full

Yet ever new.

---

## ନୂଆ ବରଷର ଚିଠି

Niranjana Mishra
Sudbury, Canada

(ଏକ)
ନୂଆ ବର୍ଷ ଆସୁଥିବ, ଯାଉଥିବ,
ଆକାଶରେ ଗେଣ୍ଡାଳିଆ ପର ଝଡା ପରି,
ଆମେ ସବୁ ହସୁଥିବୁ, କାନ୍ଦୁଥିବୁ, ନାଚୁଥିବୁ,
ନାଟକରେ ନିଜନିଜ ଅଭିନୟ ସାରି ।
ଠିକଣା ଖାତାକୁ ଖୋଲି, କାଟୁଥିବୁ ପୁରୁଣାକୁ,
ଯୋଡୁଥିବୁ ନୂଆ ସାଙ୍ଗ ସାଥିଙ୍କ ଖବର
ନାଲିକନା ବନ୍ଧା ପୋଥି, ଦିନୁଦିନ ମୋଟା ହଉଥିବ,
କମୁଥିବ ଧୀରେ ଧୀରେ ଅଲେଖା ପତର ।

(ଦୁଇ)
ଆଲବମ୍‌ର ପୃଷ୍ଠା ଓଲଟାଇ
ଦେଖୁଥିଲି ସାଙ୍ଗ ସାଥି, ପରିଜନ, ସମସ୍ତଙ୍କ  ଛାଇ
ସେଇ ଛାଇ ଭିତରୁ ପାଉଛି, କିଏ ଅଛି, କିଏ ଗଲା
କିଏ ଅବା ପାଖେ ଥାଇ ଦୂରରେ ରହିଲା ।
ଖୋଜୁ ଖୋଜୁ ହଜିଗଲା କିଏ ?
ନ ଖୋଜୁଣୁ ମିଳି ଯାଏ କିଏ ?

ଦରିଆରେ ଲକ୍ଷେ ଢେଉ ଆସିଥିଲା, ଫେରି ଗଲିଗଲା
କଳ୍ପନାର ବାଲିଘରେ ପାଣିପଶି ସବୁ ଧୋଇନେଲା
ହଜିଗଲ ତୁମେ, ହଜିଗଲି ମୁଁହି,
ସ୍ମୃତିକିନ୍ତୁ ଜମା ହଜି ନାହିଁ,
ହୃଦେ ମୋର ଫସିଲ୍ ବନିଛି, ତମ ତନ ଛାଇ ।

(ତିନି)
“ ଜାଣିନି ମୁଁ ତୁମର ଠିକଣା, ବସବାସ, କେମିତି ସଂସାର ,
ଜାଣିନି ମୁଁ ତୁମେ ଏବେ କଣ କର, ସଂସାର କୁ କେମିତି ସଂଭାଳ?
ତଥାପି ଲେଖୁଛି ଚିଠି ନୂଆବର୍ଷ ତୁମ ଲାଗି ଶୁଭଙ୍କର ହେଉ
ପାଅ ବା ନପାଅ ଚିଠି, ତୁମଲାଗି ଚଲାପଥ ନିଷ୍କଣ୍ଟକ ରହୁ “।

ଫୁଲଝାଡ଼ିନେ ଶିଶୁ ଯଦି ଦୀପ୍ତ ଦୀପ ଧରେ,
ଫୁଲ ଜ୍ୱାଳା ନ ଦିଏ କିଏ ଧର୍ମ ଶିଶୁକରେ ।

## ନୂଆ ବରଷର ଚିଠି (ଇଂରାଜୀ ଅନୁବାଦ)

*(One)*
New Year comes and goes by,
as, the Canada goose drops off its feathers from the sky,
we all laugh and cry, dance with joy
acting in our life's drama again and again.

Holding the address book, canceling names of the lost and gone,
adding new names of those whom we never knew
the book of addresses turns thick, and slowly gets full,
we count, how many pages are there to fill…

*(Two)*
As I open the pages of my album of life
look at those, friends and with family ties
survey in fading memories, who are gone;
who have left no trace,
and who could be very near but still too far.

In search for those, I lose them so quick,
I find some as strangers, but abide by them
with love and affection,
as if imperishable.

We sat on the sands of time,
we built castles of imagination,
So easily those were washed away.
That couldn't stand the test of time and tide!

We lost each other,
you and me,
but how can I lose your loving memories?
Indelibly printed on the screen of my mind.

*(Three)*
I know not your address, nor your whereabouts,
I don't know: what you do?
How is your family?
But with my best love and caring thoughts,
(whether you get this letter or not)
I tempt to write this letter:
**"My best wishes are with you**
**for your happiness and joy**
**that everything goes well with you**
**for success in all walks of life".**

---

## ସମୀକ୍ଷା - ନିଜ ଜୀବନର

ଶ୍ରୀମତି ବିଜୟା ମିଶ୍ର
ଭୁବନେଶ୍ୱର, ଓଡ଼ିଶା, ଭାରତ

ଯେଉଁଠାକୁ ଯାଅ ତୁମେ
ଯେଉଁ ସ୍ୱପ୍ନ ଦେଖ ତୁମେ,
ସବୁଠାରେ ଗୋଟିଏ ଜିଜ୍ଞାସା
"କେମିତି ବଞ୍ଚିବା ଆମେ,
ହାୟ - ! ଦାମ ବଢ଼ିଗଲା
ତେଲ, ଲୁଣ ସଂସାରର
ସବୁକିଛି, ହାୟ - !
ବେକାରୀ ବଢିଲା" ।

ଜୀବନର ମୂଲ୍ୟବୋଧ
ବଢ଼ିଛିକି ନାହିଁ
କେହିତାର ସମୀକ୍ଷା କରେନା -
'ଆହା', 'ଚୁ', 'ଚୁ' ପ୍ରଶ୍ନବାଣ -
ଅବା କିଛି - ସ୍ୱପଶଷ୍ଟ ଗାନ କରି,
ଅନ୍ୟ ଦୃଷ୍ଟି ଆକର୍ଷଣ -
କରିବାର ଇଚ୍ଛା ;
କିନ୍ତୁ ହାୟ - ! -
ରୋଗ, ଶୋକ, କ୍ଷୁଧା, ଯନ୍ତ୍ରଣାରେ -
ଜର୍ଜ୍ଜରୀତ ହେଉଥିବା -
ଆହତ ମଣିଷ
ସେଇମିତି ଛଟପଟ ହୁଏ,
ତାକୁ କେହି,

କେବେ ଉଠାଏନା ।

'ବିକ୍ଷୋଭ', 'ଆନ୍ଦୋଳନ', 'ବିପ୍ଳବ'

ଏଇମିତି କିଛି ଶବ୍ଦ ଯୋଖି (????)
କେବେ କିଛି କରିତ ହୁଏନା ।
ନିଜକୁ ଦେଖିଲେ ଆମେ
ନିରେଖି, ନିରେଖି –
ଦେଖୁଁ ଖାଲି ଅନ୍ତବସାର ଶୂନ୍ୟ
ଏକ ରକ୍ତ ମାଂସର ଶରୀର,
ଯାହା ଦାମ କମିଗଲା –
ଅତି କମିଗଲା – ॥

---

## BALASORE & CHANDIPUR

**Lt. Col. (Retd.) B. K. Das**
Adviser, Union Public Service Commission
New Delhi, India

Born in Balasore in 1913, I used to hear from my mother and an aunt of ours that my grand father, whom I had never seen and as a matter of fac, my father, the youngest son had lost his father when he was seven years old, and had been an owner of seven cargo ships, which used to ply between Balasore and Calcutta. I was told by my father who had been then posted with Criminal Investigation Department at Writers Building at Calcutta under Sir Charles Tregart who later became the Director of Scotland Yard, that the Britishers under the then East India Company hand landed in India for the first time at Balasore in 1803 before spreading their ramifications to other parts of the country mainly for business purposes., Later they established the Proof Establishment at Balasore for their maritime reconnaissance at Chandipore.

Chandipur, as I was told by my father, was a secret rendezvous of the British under the Crowns, and they were directly administered then in close collaboration with the CID at Calcutta.

The Headquarters of the Proof Establishment was established on the Station Road in front of the Judicial officers' Bunglows and they were the only electrified accommodation in Balasore. Even the British Collector and Superintendent of Police of Balasore used to have petromax and often kerosene lamps, with the *punkhA* and its puller.

I am reminded of an awkward incident while studying in Balasore ZillA School established in year 1853 (Now housing the F. M. College). One day when the School hours were over, we the students had been walking on the Road, suddenly a motor bike with an Englishman passed by. The School prefect, the senior most student, Sri Braja Kishore Das shouted out "Red Monkey" on which the English man stopped his vehicle, and sapped him. As a result all of us about forty or fifty boys surrounded the Englishman and wanted to get hold of him when he sped away on his motor bike at terrific speed.

At that time during the twenties, we had so much of courage particularly to fight against an Englishman, who was considered by every one, high or low, as God incarnate. The entire school lodged a protest to the Proof Establishment. A few days later, suddenly one day, a young Englishman on his motor bike landed in the school, met the Headmaster and apologized to him and whole school and distributed a huge basket of toffees and chocolates (made by Cadburys at that time what to speak of such delicacies, even a pin was not manufactured in India). He later became a great friend of ours.

He was Lt. Muir of the British Army posted in Proof Establishment at Balasore.

Much later, when I joined Army as King's Commissioned Officer in 1943, among all British Officers, I realized how a young Army officer in the rank of Lieutenant could be aggressive. I now recollect in 1944, when once I had been traveling by train from Howrah Station as a young Lieutenant, I threatened an Anglo Indian Guard of the train with my revolver. Egoism and fanfare of aggression used to be a part of a young Military Officer's character particularly when even an Indian Officer having the King's Commission use to think that he was probably a part and parcel of the king.

Coming to Balsore & Chandipur in the twenties when I used to be a student at the Balasore Zilla School, I must say, the Town of Balasore was like small village with Motigan Bazar with the shopkeepers selling their goods on the two sides of the street leading up to the Police Station and it was a sight to see the tiny tin kerosene lamps dimly burning at night and a few hwkers selling Roti and Aloo Dum and if one wanted to have a meal outside hoem, he could have some of the Roti and Aloo Dum from the hawkers to be content with a full meal. There were hardly shop buildings any where except one or two sprinkled here and there like "Barjorni". One could hardly find decent houses like a few in Sunahat, Barbati Manikham, Gopalgaon or the Govt. Bungalows for the District Collector and other officials like the Supdt. Of Police, Civil Surgeon, Deputy Magistrates, Judicial Officers and the like, besides the Court, School and other office buildings. Gradually a few private houses sprang up near the Railway Station like "Margaet Villa" and afterwards decent buildings belonging to some Bengalis of Calcutta who preferred to settle down in the nearest town of Balasore. One of the them, I remember belonged to Mr. Narendra Nath Sircar, who became the Chairman of the Municipality. The two elite families of Balasore were the Samant family of Sunahat to which we belonged and the other was Raja family of Barabati, who used to compete with each other to display their wealth. If one bought a horse carriage, the other would have two or three of them. If one owned a Ford or Chevrolet Car, the other owned an elephant, which was tied up at a place of display. I remember, Dr. Harekrushna Mahatab, who later became Chief Minister of Orissa had owned a Whippet Car and my father after his Police Service bought a six-cylinder German car "Mane Bhon" after toying with the idea of going in for a Frech Citroen Car. Aziz was our driver, who remained with us till my father left for Kupari, forty miles from Balasore to be a Zamindar and be treated by all and sundry there as a Raja, like Harkhrushna Mahatab as the Raja of Agarpara about three miles away from Kupari. My father, even though a police officer had never learnt driving, as those days riding and owning a horse were compulsory for all police officers. One could count the number of cars in Balasore on one's finger tips those days.

This was Balasore in anutshell, where there were hardly any buildings with a few exceptions named about. With no electricity, dimly burning lanterns were in vogue in one or two houses. I remember, my father was then the first one to own a Patromax lantern purchased from Barjorji and one servant was appointed for lighting and cleaning of the lamps on Rs. 2/- per month. We had had about 4 or 5 servants, one cook, one for carrying water and the head servant was one named 'bidA', who was drawing R. 5/- per month. Once I remember my father was so pleased with his cook for parparation of one dish, "Dahi-kaDhi" that he had raised his salary by eight annas to be Rupees three and annas eight. By todays's standard, I would say,

Balasore town was like a small undeveloped village with a few sprinkling insgnias of urbanity which could bestow township on any locality. This was the Balasore Town from 1920 to 1930 when we all left for a real village, Kupari forty miles away, unapproachable by roads, particularly during the rains to breath unpolluted air besides the greed for being over lord of the place, where we were greeted by every one, rich, poor, old , young, man and woman with bent heads from morning till night. I fremebr the first time I came home from the college during Durga Puja holidays, I had to travel in a palanquin carried by men for twenty miles and on nearing our home being greeted with the sounding of drums cymbals etc. and presenting me with coins by men, women, and children to welcome me, the 'Yuvraj' (prince). - The "Prince of Kumpari" like "Prince of Wales. – My foot! My embarrassments knew no bounds and my temporary amusements too turned sour when I reflected in my lone moments on the evils of a feudal structure of our country. I had been even those days dead against all these feudal systems reigning supreme in our habita and had openly pronounced the downfall of the Zamindari system which was termed by many members at home as rebellious overtures of a college student.

Now coming to Chandipur, which was and is a part and parcel of Balasore town, it was just like a forlorn sea shore with a tiny inspection bungalw with two rooms and bathrooms and a small verandah in front with a tiny cook house which operated only on arrival of a person, like District Magistrate or Supdt. Of Police. The Proof Establishment had a small cottage wich two rooms and a toilet for the exclusive use of the Military Officers of the Proof Establishment. I remember, the small PWD inspection Bungalow remained always vacant except for use of the high ranking Officials, Dr. Harekrushna Mahatab, then editor of "Prajatantra" was not allowed the use of the place except when he became the Chairman of the the District Board. My father with his police background was allowed to use of the Bungalow and I remember, my father, sister (mother of Minu, Sanu, Lilu and Meera) had once stayed there one night without sleep due to excessive fright with whizzing sound of the waves, fearful calls of jackals and other animals and birds and we all declared that it as haunted house with the screeching sounds of the doors and windows. This was our first and last stay at Chandipur though we had several visits to Chandipur at about 4 or 5 P.M. on a sunny day to walk across on the sands for about two or three miles during the ebb of tide, when we were once warned by someone that there were quick sands which could take us down to the bottom for extinction. Once, my brother with our youngest sister Jhampo in the arms lost his omega wrist watch, which slipped down from wrist while walking on the sand with no water in the evening.

The present establishments at Chandipur with Hotels, restaurants, offices, buildings, the bird sanctuary se up by Col Sunny Pillai of the Interim Test Range (ITR for firing missiles) make us think for a moment that it must be some other place than Chandipur, which was just a forlorn seashore just to watch the flow and ebb of tides. Till 1930, Chandipur was just seashore. It was called Chandipur, probably because people thought it was the abode of the Coddess "Chandi", who is worshipped in every home in Orissa and Bengal. After we had left Balasore Town in 1930 for Kupari, there was no occasion to visit Chandipur till 1969, when we just passed through Balsore spending half an hour at Chandipurt, with my son, Admiral Das (Then Lt. Das, his wife and two small children), but in 1974, I had on a visit to Basta to attend the wedding of sister's son, N. K. Mohanty now with the UNO. I had visited Chandipur two or

three times and I must admit I could not recognize the place, which was buzzing with activities of the Proof Establishment and then in 1991, when my son-in-law, Gp. Catp. G. C. Mohanty, later with the Birla Tyres, Balasore had been the Chief Administrative Officer of I. T. R. at Chandipur. Now Chandipur is almost a populous town on its own with buildings, Hotels, and all sorts of habitats and I cannot imagine I used to visit in the twenties just for a few hours on the seashore. I feel amused to read in papers "Chandipur-on-Sea" without any mention of Balasore. Who knows after many years, this place may be a Union Territory with all the advancements in various fields, totally unconnected with its parent Balasore, except perhaps the entry to the place would be via – Balasore, unless some other entry points are introduced. Till then, Balasore should be always proud that Chandipur had one day belonged to Balasore. What a hope, but hopes many times turn into realities or end in dupes !!! I, however, now in 2004 at my age 92 feel fully convinced in my view that when the East India Company entered Balasore for the first time in 1803 at Balsore, they must have named it as Chandipur after seeing the worship of Goddess Chandi (Durga & Kali) in the region. It may be my imagination as I am a worshipper of Chandi (Durga & Kali), which I consider the most supreme as Jesus Christ is to the Christian Community of the world, Mahmmed to the Muslims and Guru Nanak to the Sardars (Sikhs).

It tickles me to mention here my Sanskrit Pandit in the school who had hailed from some place near Chandipur while asking us to prepare for the ensuing examination was in deep sleep on the chair with his mouth wide open. I even as the Monitor of the class could not resist the temptation of putting a Rasogola costing one anna from the canteen into his wide open mouth, and while doing so, my young Headmaste of 28 years Mr. S. Ray, B.A. (OXON) was at my back, who got hold of me and dragged me to his office, for punishment. He fined me R. 5/- quite a big amount. I was waiting for an opportunity to steal the money from father's Almirah which I did once in haste to take one heap of R. 20/- in coints after paying the fine of R. 5/- in the office I purchased a 5 shelled torch light for Rs. 15/- from Barjorjis which I used in school hostel to see how far the light would go. The light flashed on the families on the Civil Surgeion having a walk in the permit field. I was found guilty and punished at home by my strict Police father and the Headmaster for such stupid action of mine, which I always narrate to all youngsters not to resort to such stupid things in life.

---

## କାଳିଆ ତୋତେ ମୋ ରାଣ

ମନୋରଂଜନ ଶତପଥୀ
ରେଡିଙ୍ଗ, ଇଂଲଣ୍ଡ

*ଇଂଲଣ୍ଡ ନିବାସୀ ମନୋରଞ୍ଜନ ଶତପଥୀ ଅନେକ କବିତା ଲେଖି ବିଶ୍ୱବ୍ୟାପୀ ଓଡିଆ କବି-ପ୍ରେମୀମାନଙ୍କୁ ମନୋରଞ୍ଜିତ କରିଛନ୍ତି । ପୁରୁଣା ଦୂରଦୃଷ୍ଟି ପାଠକ ମାନଙ୍କୁ ମନୋରଞ୍ଜନ ବାବୁ ଖୁବ୍ ପରିଚିତ ତାଙ୍କ କବିତା ମାଧ୍ୟମରେ । ତାଙ୍କ କବିତା ଗୁଡିକ ସାଧାରଣତଃ ମିତ୍ରାକ୍ଷର ପ୍ରଣାଳୀରେ ଲିଖିତ ଓ ବର୍ଣ୍ଣନା ଗୁଡିକ ବହୁତ ଅନୁରାଗ ଓ ବାତ୍ସଲ୍ୟ ପୂର୍ଣ୍ଣ ।*

କାଳିଆରେ ତୋତେ ମୋ ରାଣ
କରନା ତୁ ଆଉ ଅଭିମାନ
ଆଡ କରି ଟିକେ ନଜର ଢାଳିଲେ
କି ବୁଡିବ ତୋର ସନମାନ

ଶରଧା ବାଲିରୁ ଶରଧା ସରିଲା
ନୀଳଶଇଳୁକି ନୀଳିମା ହଜିଲା
ବଡଦେଉଳର ଗମ୍ଭୀରା ଭିତରେ
ଅବା ତୁ କରିଲୁ ଅନଶନ

ଏତେ ବଡ ବାନା ଉଡୁଅଛି

ବଡ ଦିଅଁ ଡକା ପଡୁଅଛି
ବଡ ବଡ ସବୁ ଥାଉ ଥାଉ ଦେଖ
ହୋଇଲି ମୁଁ କେତେ ହିନିମାନ

ବଡ ଦାଣ୍ଡେ ହେଲି ବାଟବଣା
ସହିଲି ମୁଁ କେତେ ଗଞ୍ଜଣା
ଅବା ଜାଣିଶୁଣି ବାଟହୁଡା କର
କାଳେ ହୋଇଯିବ ଦରଶନ

କାଳିଆରେ ତୋତେ ମୋ ରାଣ
କରନା ତୁ ଆଉ ଅଭିମାନ

---

## My Sunday's Tour

**Sri Batakrishna Tripathy, I.P.S.**
Sahid Nagar, Bhubaneswar, Orissa

*Sri Batakrishna Tripathy has served as the Superintendent of Police, Bhubaneswar; DIG Central, and Inspector General of Police of Orissa. The video made by him for the 1997 OSA Convention on the History of Oriya Films was a big hit among the Oriyas in U.S.A. and Canada. He had been the recipient of the presidential award for being the most honest and brave police officers of India. Many of his articles are published in Indian news papers such as Eastern Times, Sunday Sun Times, and his Oriya articles are published in several books in Orissa.*

That was a Sunday. I had fixed up a public enquiry inside the temple of Ardha Kapileswar Temple, located about 50 kilometers away from the District Headquarters by the side of Niali-Madhaba road. Sunday being a holiday, the Government servants of the locality who had earlier requested me to affect a compromise to the chronic dispute between two villages, in which, they being the educated villagers from both sides wanted to participate. I had agreed to their request being a neighboring villager and the time was fixed at 11.30 in the morning.

Lord Siva temple of the Ardha Kapileswar is known in Prachi civilization, from the time immemorial. The present river Prachi, is so to say, is of non existence to-day. It is now nothing more than a drainage canal of Irrigation Department. But once upon a time this mighty river, said to be older than the river Mahanadi, carried huge stones for the construction of Konark Temple. Inland navigation was flourishing during those older days making the rive valley civilization a rich and affluent. A culturally affluent civilization had sprung on its long bank before the Christian era. The remnants of such Civilization including old ports, Budhist Stupas, Shrines and temples are a few to mention. Till now 12 Siva temples are standing on its bank including eight Madhaba temples constructed in-between six century to 14th century A.D. Ardha Kapileswar Siva temple is one of such temples, famous both for its architectural value and religious faith of local people. In my child-hood days, I remember, I had walked down a distance of seven kilometers alongside my grand mother to have sacred water of this temple to be cured from certain eye disease.

It was the faith of the people, that a blind can be cured using sacred water of this Siva temple. Folk tales of Prachi Civilization tells that the sage Kapila of the Vedic time, once resided near the spot having an Ashram and the name was known by his name. The Lord Siva was installed by him and the temple subsequently bore his name. Whatever that may be the local people has a faith till now and they fear to tell lie inside the premises of this temple when such compromises take place. That's why the place was selected to affect a compromise between the two villages.

The Govt. order, banning the use of vehicles on Sunday as a token of conservation of petrol was not received when the date was fixed. On that Sunday I left Circuit House, where I was

staying, to Bus stand by a rickshaw to avail a local bus from Badambari Bus-stand. When a rickshaw came and I boarded the rickshaw, some employees of the Circuit House gave a staring look with giggles. I did not mark it and proceeded. Near to a traffic stand, the traffic constable on the stand did not recognize till I was very close to the stand. When he realized that S.P. was coming in a rickshaw, he gave a signal to other traffic constable who was standing at a distance and engaged himself, in talking with some passersby. Other traffic cop did not respond to his hissing sounds and signals. But when my rickshaw crossed the traffic stand and took a turn, the traffic cop in stand opened his mouth with abusive words at his partner for not responding to his calls when I was passing. To this, the other traffic cop hurled slang words to his friend cop as well as to the S.P. I could hear those words faintly and till my departure the other cop was not sure that his friend was telling the truth.

After ten minutes, I was at the Bus-stand. When I got into the bus, another Havildar was on duty at the Bus-stand took a little time to realize that it was I who was entering into a private bus. This private bus was standing to move towards Bhubaneswar. I found the bus was fully loaded and there was hardly any seat to sit. I had to travel up to Phulnakhara from where I had to avail another vehicle on Niali-Madhaba road. While I was squeezed in the bus and making a place for myself to stand, suddenly I found the conductor of the bus who gave me push while I was boarding, was active in making arrangements for me to sit. He was acting in such a manner that the entire passenger inside the bus had to realize that some body had entered. Immediately there was a bomb scare. People started talking perhaps a terrorist might have kept a bomb inside the bus or had entered, till they realized that the conductor was arranging a seat for me and I am a fellow traveler. The bus was about to move. I requested the conductor to give me ticket. Hearing this conductor behaved in such a manner it had again drawn the eyes of most of the passengers on me. The conductor was not prepared to accept fare from me. I talked to him for some time to convince him that that he had to accept my ticket charge as I had no other alternative to get down.

After getting down at Phulnakhara, I went near to the local Bus-stand to avail a vehicle to Niali side. At that time there was no vehicle and it was bit sultry and hot. I took shelter on a bench in front of a pan cabin. Like me there fore about forty-fifty people including me and women standing, some were sitting to avail transport towards Niali. After settled down on a bench I was calmly brooding over my college days, the scenario of the place which has been completely changed during these years. I saw a scooter with khadi clad people going on the road. I could recognize the man driving the scoter, as the young political leader of the locality. Before I think about the other, I saw the same scooter took a turn, come back and stopped in front of me. In its pillion, a veteran politician of the locality was sitting. Seeing me on the bench, the young man asked me to take a lift to Niali on his scooter. When we were discussing the elderly khadi clad man spoke something into the ear of the young man and before we end our discussion both disappeared.

After about an hour or so, a matador having no fitness certificate or a license to carry passengers appeared. Within twinkling of an eye, the entire matador was loaded with people giving no scope put a leg. However, somebody could speak to the ears of the driver and I could get a seat in its front. During the entire journey, I had no opportunity to look back and each moment I was thinking when my journey would come to an end. However I reached village Salei safely. From this road point I had to go to the

premises of Siva temple which is about a kilometer. One Grama Rakhi was waiting with a cycle and I took the cycle for the temple premises. It was 12.30 when I reached. About hundred villagers from the both the villages including some known Panchayat members were present.

Discussion started over the chronic dispute. For two hours there were arguments and counter arguments from both sides for which no decision could be arrived at. Both sides made the discussion so disgusting, I felt that both sides were telling and alleging falsehood against each other. Inspite of our best efforts no compromise could be effected and I had to leave the place to catch the last bus coming to Cuttack. With fatigue and disgust, when I left the temple premises, I heard some villagers were remarking that "He was not the real S.P.", these city touts of our village brought an imposter of S.P. just to hoodwink us. How could a S.P. come in a cycle? These city people thought we are fools in villages." While walking through the paddy fields, I was realizing how far the litigation entered in the village life and how religious faiths of the people have eroded?

---



## A Small Family

*Painting by*

**Pradeep Kumar Panigrahi**

Lab d' Ecologie des Sols Tropicaux

IRD, University of Paris, Bondy, Cedex, France

---

## ୨୦୦୪ର ଓଡିଶା -- ଏକ ଭ୍ରମଣ କାହାଣୀ

ସତ୍ୟ ରଞ୍ଜନ ଦାଶ
ଟରୋଣ୍ଟୋ, ଡିସେମ୍ବର ୨୦୦୪

*ପାଞ୍ଚ ବର୍ଷପରେ ଲେଖକ ଡିସେମ୍ବର ୨୦୦୪ରେ ଓଡିଶା ଭ୍ରମଣ କରୁଥିଲେ । ସେହି ବ୍ୟବଧାନ ଭିତରେ ଓଡିଶା ସମାଜର ଗଭୀର ଏବଂ ଗତିଶୀଳ ପରିବର୍ତ୍ତନ ଉପରେ ତାଙ୍କର ଏହି ପ୍ରତ୍ୟକ୍ଷଦର୍ଶୀ ସମାଲୋଚନାତ୍ମକ ବିବରଣୀ ।*

"ଆଜ୍ଞା କବାଟଟିକୁ ବନ୍ଦ ରଖନ୍ତୁ ।"
"ଏଇ ବନ୍ଦ କଲି ଗୋଟେ ମିନିଟରେ । "
"ଆଜ୍ଞା କବାଟଟି ବନ୍ଦ ହେଲାନି । ଟିକେ ପୁରାପୁରି ବନ୍ଦ କରିବେ ।"
"କରୁଚି, ଏହିକ୍ଷଣି କରୁଚି । ଆରେ ବାବୁ ବ୍ୟସ୍ତ ହୁଅନି ।"

ଏହି ସଂଳାପ ମଧ୍ୟରେ ବାଣୀବିହାର ଛକରେ ଅବସ୍ଥିତ, ମୁଁ ସେ ମନ୍ଥର internet connectionରେ ଚିନ୍ତାମଗ୍ନ କିପରି ମୋର yahoo e-mail accountରେ ସଫଳଭାବରେ login କରିବି ।

ପୁନର୍ବାର cybercafeର ପରିଚାଳକ ଟିକିଏ ରୁକ୍ଷ କଣ୍ଠରେ ଅନୁରୋଧ କଲେ "ଆଜ୍ଞା କବାଟଟିକୁ ପୁରା ବନ୍ଦ ରଖନ୍ତୁ ।"

ଏହିପରି ବାରମ୍ବାର କବାଟଟିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶନା ଦେଉଥିବା ପରିଚାଳକ ଏହା ଭିତରେ ମୋର yahoo mail check କରିବାର ଅଭୀଷ୍ଟାଟିକୁ ଏକ୍‌ଦମ୍ ଭଙ୍ଗ କରିଦେଇଥିଲେ । ଦୀର୍ଘ ପାଞ୍ଚ ବର୍ଷ ପରେ ଘରକୁ ଫେରି ଭୁବନେଶ୍ୱରରେ cybercafe ବ୍ୟବହାର କରିବା ମୋର ପ୍ରଥମ ଅଭିଜ୍ଞତା । ସମୟ ସକାଳ ସାଢେ ଆଠଟା । ବୋଧହୁଏ cybercafeରେ ସେତେବେଳେ ଆଉ ଅନ୍ୟ କେହି ଗ୍ରାହକ ନ ଥିଲେ । ଯଦିଓ ବାକ୍ସ କୋଠରୀ କବାଟ ଗୁଡିକ ବନ୍ଦ ଥିଲା ।

ସେ ଯାହା ହେଉ ନା କାହିଁକି କୌଣସି କାରଣରୁ ମୋର କବାଟଟି ଖୋଲା ରହିଲା, ଓ cybercafeର ମାଲିକ ବାରମ୍ବାର କ୍ଳାନ୍ତ ହୋଇ ମତେ ଅନୁରୋଧ କରିବାରୁ ନିବୃତ୍ତ ହେଲେ । ଗୋଟିଏ ବଡ ମଜା କଥା ହେଲା ଯେ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ନିଶ୍ଚିତ ନୁହେଁ ଯେ କବାଟ ବନ୍ଦ କରିବା ଅନ୍ୟଙ୍କ privacy ଲୁକ୍କାୟିତ ରଖିବା ପାଇଁ କିମ୍ବା ଅନ୍ୟ କେହି ଯେପରି ବାକ୍ସ ଆଭ୍ୟନ୍ତରକୁ ଯିବା ଯାତ୍ରୀ (ବା ପ୍ରସ୍ଥାନକାରୀ ଯାତ୍ରୀ) ମାନଙ୍କୁ ନ ଦେଖିବା ପାଇଁ ଏକ କୌଶଳ ଥିଲା, ସେ ବିଷୟରେ ମୁଁ ଏ ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରି ନାହିଁ ।

Cybercafeଟି ଠିକ୍ ବାଣୀବିହାର ଛକର ମୁଣ୍ଡରେ ଉତର ଦିଗକୁ ମୁଖ କରି, basementରେ ଅବସ୍ଥିତ । ଭିତରେ ୮-୧୦ଟି କାଷ୍ଠ କୋଠରି । ବାକ୍ସ ଗୁଡିକ ପ୍ରାୟ ତିନି ଫୁଟ ଚଉଡା, ଅଢେଇ ଫୁଟର ଗଭୀର, ଓ ଭୂମିଠାରୁ ଆରମ୍ଭ କରି ପ୍ରାୟ ଛାତ ପର୍ଯ୍ୟନ୍ତ ଲମ୍ବିଥିଲା । କବାଟଟି ବନ୍ଦ ନ କିରବାରେ ମୋର ଗୋଟେ ଗୁରୁତର ବ୍ୟକ୍ତିଗତ ଆବଶ୍ୟକତା ଥିଲା ।
ସେଇଟି ହେଲା ଅନେକ ବର୍ଷ କାନାଡାରେ ରହିବାପରେ ଜୀବନର ସବୁ activity ଗୁଡିକ ବହୁତ ଖୋଲାଖୋଲି କରାଯାଏ । ଏହିପରି ଏକ ଛୋଟ କୋଠରୀର ବ୍ୟବହାର ବୋଧହୁଏ କେବଳ public phone booth ଭିତରେ ଘଟେ । ହେଲେ କାନାଡାରେ phone booth ଗୁଡିକ ସବୁ ସ୍ୱଚ୍ଛ, ତେଣୁ, ଯେଉଁଠି ବସିଲେ ମଣିଷ ଅଣନିଃଶ୍ୱାସୀ ଅନୁଭବ କରେ, କ୍ଷୁଦ୍ର କୋଠରୀରେ ଆବଦ୍ଧ ହୋଇ ରହିବାର ଅଭ୍ୟାସ ତୁଟି ଯାଇ ଥିଲା ।

ବାଣୀବିହାର ଛକରେ ଅନେକ cybercafe ଅବସ୍ଥିତ । ଯେହେତୁ ସେଠାରେ ଉଭୟ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା କଲେଜ ଅବସ୍ଥିତ, ଯୁବକ-ଯୁବତୀଙ୍କର ଅଭିସାର ପାଇଁ ସେ'ଟା ଭୁବନେଶ୍ୱରର ଏକ ଅଦ୍ୱିତୀୟ ସ୍ଥାନ ।

ଜିଜ୍ଞାସୁ ପାଠକ ମାନଙ୍କ ପାଇଁ ମୁଁ ଏବେକାର ବାଣୀବିହାର ଛକର ଦୁଇଟି ଫଟୋ ପରିବେଶ କରୁଛି । ସୁଧୀ ପାଠକଗଣ ଫଟୋରେ ଦର୍ଶିତ cybercafe ଓ ଏ କାହାଣୀରେ ଉଲ୍ଲେଖ cybercafe ସମାନ ହବାର କୌଣସି ସିଦ୍ଧାନ୍ତରେ ନ ପହଞ୍ଚିବା ପାଇଁ ବିନୀତ ଅନୁରୋଧ ।






କିଛି ସମୟର ବ୍ୟବଧାନ ପରେ ମୋର କାର୍ଯ୍ୟ ସଂପୂର୍ଣ୍ଣ କରି ହିସାବ ଚୁକେଇଲା ବେଳେ ଏକ ଯୁବତୀ ଗ୍ରାହକ ଆସି ପହଞ୍ଚିଲେ । ଯୁବତୀ ଗ୍ରାହକ ଏକ କୋଠରୀରେ ଏଣୁ ତେଣୁ କଣ କରିବାର ଛଳନା କରି ଏକ ବାକ୍ସ ଭିତରେ ଅଦୃଶ୍ୟ ହୋଇଗଲେ ।

ଆହୁରି କିଛି ସମୟ ଅତିବାହିତ ହେବା ପରେ ପରେ ଏକ ଯୁବକ ଆସି ପହଞ୍ଚିଲେ । ଆଉ କିଛି ସମୟ ପରେ ଦୁହେଁ କଣ ଖୋଜିବାର ଛଳନା କରି, ସେଇ କୋଠରୀରେ ଅବରୁଦ୍ଧ ହୋଇ କୋଳପଟିକୁ ଲଗାଇଦେଲେ । ଆଉ କିଛି କ୍ଷଣ ଅତିବାହିତ ହେବା ପରେ କିଛି ଅସ୍ପଷ୍ଟ ଶବ୍ଦ କୋଠରୀରୁ ମଧ୍ୟ-ମଧ୍ୟରେ ନିର୍ଗତ ହେବାର ପ୍ରାରମ୍ଭ ହେଲା ।

ଏହିପରି ଛୋଟ କୋଠରୀରେ, ଯେଉଁଠିକି ମତେ ଏକାକୀ ବସିବାକୁ ଅସୁବିଧା ହେଉଥିଲା, ସେହିପରି ଯାଗାରେ ଯୁଗଳ ଯୁବକ-ଯୁବତୀ କେବଳ ଗୋଟିଏ କାର୍ଯ୍ୟ କରିପାରିବେ । ଯଦି ବି କିଛି ସନ୍ଦେହ ଥାନ୍ତା, ଯେଉଁ ଅସ୍ପଷ୍ଟ ଶବ୍ଦ ମଝିରେ ମଝିରେ ସେଇ ବାକ୍ସରୁ ନିର୍ଗତ ହେଉଥିଲା, ସେ ସେହି ସନ୍ଦେହ ସଂପୂର୍ଣ୍ଣ ଭାବରେ ଦୂର କରିଦେଇଥିଲା । ଏହି ଘଟଣାଟି ମୋର ଭୁବନେଶ୍ୱରରେ ପହଞ୍ଚିବାର ପରଦିନର ଅନୁଭୂତି ।

ଏହା ପୂର୍ବରୁ କାନାଡାରେ ରହିବା ଭିତରେ ଆମେ ସେଠାକାର ଓଡିଆ ନିବାସୀ ଏହା ଶୁଣିବାକୁ ପାଇଥିଲୁ ଯେ ପାଶ୍ଚାତ୍ୟ ସଭ୍ୟତା ଭାରତରେ ସର୍ବାଦୃତ ହୋଇଗଲାଣି । ସେ ଯାହା ହେଉ ଏହିପରି ଏକ ଆକସ୍ମିକ ଘଟଣାର ସମ୍ମୁଖୀନ ହେବାର ଆଶଙ୍କା କେବେହେଲେ ନ ଥିଲା ।

ମୋ ଜୀବନରେ ମୁଁ ଯାହା ବି କରିଛି ମୁଁ ଭାବୁଛି ମୋର ପ୍ରଧାନ କୃତ୍ତିତ୍ୱ, IBMରେ ଚାକିରୀ କରିବା ନୁହଁ, କିନ୍ତୁ ମୋର ହୀନମାନ୍ୟତାକୁ ଦୂର କରିବା । ହୀନମାନ୍ୟତା ଏକ ବହୁତ ଜଟିଳ ଜିନିଷ । ଏପରିକି ମୁଁ ମୋର ୧୬ ବର୍ଷର ଝିଅ ଡାର୍ଲିକୁ ବୁଝେଇବାର ଅନେକ ପ୍ରଚେଷ୍ଟା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ସମର୍ଥ ହୋଇ ପାରିନି । ପାଶ୍ଚାତ୍ୟ ସଭ୍ୟତାର ଅନୁସରଣ କରି ଯୁବକ-ଯୁବତୀ ଏକ ୧ ବର୍ଗ ଫୁଟ କୋଠରୀରେ ଛନ୍ଦିହେବା ଏପରି କିଛି ଅସାଧାରଣ କଥା ନୁହେଁ । ଏହା ପୂର୍ବରୁ ହେଉଥିଲା, ଏବେ ବି ହେଉଛି, ଆଗକୁ ବି ହବ, ବୋଧହୁଏ ଏହା ଜାତିର ପ୍ରଗତି ପାଇଁ ପ୍ରୟୋଜନୀୟ ।

ବସ୍ତୁତଃ ଆମ ସମାଜରେ ଏହି ପରି ଅଳ୍ପ ବୟସରେ ଦୈହିକ ସଂପର୍କ ସ୍ଥାପନା କରିବା ହୁଏତ ନୂତନ ହେଇଥିବ, କିନ୍ତୁ ପାଶ୍ଚାତ୍ୟ ସମାଜରେ ପୂର୍ବ ରକ୍ଷଣଶୀଳ ଚିନ୍ତାଧାରାରୁ ଏହିପରି ଏକ ଗମ୍ଭୀର ମୋଡ ଘଟିଥିଲା ୧୯୬୦ ମସିହାରେ । ଏଇଟା ଅବଶ୍ୟ ସତ ଯେ ଇତିହାସର ସବୁବେଳେ ପୁନରାବୃତ୍ତି ହୁଏ, କିନ୍ତୁ ଏହା ବି ନିରାଟ ସତ୍ୟ ଯେ ଇତିହାସର ଦୁଇଟି ପୁନରାବୃତ୍ତି କେବେ ସଂପୂର୍ଣ୍ଣ ରୂପରେ ସମରୂପୀ ନୁହେଁ ।

ତଥାପି oral contraceptiveର ଆବିଷ୍କାର ଓ ସମାଜରେ ତାହାର ଦ୍ରୁତ ଗତିରେ ବ୍ୟାପକ ପ୍ରୟୋଗ ଏକ sexual କ୍ରାନ୍ତିର କାରଣ ହୋଇ ବସିଥିଲା । ମଣିଷ ବ୍ୟବହାରର intutitive ପ୍ରତିକ୍ରିୟା ଏହା ଯେ ପ୍ରଥମ ଆକର୍ଷଣର ଶକ୍ତିଟି ପେଣ୍ଡୁଲମ୍ ପରି longterm ପ୍ରଭାବଠାରୁଁ ବହୁତ ଉପରକୁ ଚାଲିଯାଏ । ପାଶ୍ଚାତ୍ୟ ଜଗତର ୧୯୬୦ର sexual କ୍ରାନ୍ତିର longterm ସଞ୍ଚାରିତ ଶକ୍ତି ବୁଝା ପଡିଲାବେଳକୁ ୧୯୮୦ ଦଶନ୍ଧି ହୋଇଯାଇଥିଲା । ମୂଳତଃ ଯେଉଁମାନେ କ୍ରାନ୍ତି ଦ୍ୱାରା ସର୍ବପ୍ରଥମେ ଆକୃଷ୍ଟ ହୋଇଥିଲେ, ସେ ସମୟର ତରୁଣ-ତରୁଣୀ ମାନେ, ସେମାନେ ଯେତେବେଳେ ମଧ୍ୟବୟସ୍କା ହେଲେ, ସେଇମାନ ସେ କ୍ରାନ୍ତିର ପ୍ରଭାବକୁ ନିଗୂଢ ଭାବରେ ବିଶ୍ଳେଷଣ କରିବାରେ ସମର୍ଥ ହେଲେ । ଏହି ଘଟଣାର

ମହତ୍ତ୍ୱ ଅନ୍ୟ ସମାଜର ବି ଲାଗୁ କାରଣ ଏହା ମଣିଷର ଚିରାଚରିତ ସ୍ୱଭାବ ଉପରେ ଆଧାରିତ ।

କିନ୍ତୁ ଚିନ୍ତାର ବିଷୟ ହେଲା ଏହା ଯେ ମୁଁ ଭାବୁଛି ଆଜିକାର ଓଡିଶା ବାସିନ୍ଦାମାନେ ପାଶ୍ଚାତ୍ୟ ସଂସ୍କୃତିର ଅନୁସରଣ କରୁଛନ୍ତି କାରଣ ସେମାନେ ଭାବୁଛନ୍ତି ଯେ ଏହା ଦ୍ୱାର ସେମାନେ ପାଶ୍ଚାତ୍ୟ ଲୋକଙ୍କ ଭଳି ଆତ୍ମ-ପ୍ରତ୍ୟୟପୂର୍ଣ୍ଣ ହୋଇଯିବେ । ଏହା ପ୍ରାୟ ସମ୍ଭବତଃ ଏକ ମୃଗତୃଷ୍ଣା ମାତ୍ର ।

ମୋର ଯାହା ଏହି ପରିଦର୍ଶନରେ ହୃଦୟଙ୍ଗମ ହେଲା, ସବୁ ସ୍ତରରେ, କିନ୍ତୁ ଖାସ୍‌କରି ଯୁବକ-ଯୁବତୀ ମାନଙ୍କ ଆଚରଣରୁ, ମୋର ଧାରଣା ସେମାନେ ବୋଧହୁଏ ଭାବୁଛନ୍ତି ଯେ ପାଶ୍ଚାତ୍ୟ ବେଶଭୂଷା, ବାହ୍ୟନ୍ତର ଅନୁକରଣ କରି ସେମାନେ ତାଙ୍କର ହୀନମାନ୍ୟତାକୁ ଘୋଡାଡି ଦେବେ । ଏହା ଅସମ୍ଭବ । ପାଶ୍ଚାତ୍ୟ ସଭ୍ୟତା ଆମଠୁ ଆଗରେ ଅଛି କେବଳ ତାଙ୍କର ହୀନମାନ୍ୟତାର ଅଭାବ ହେତୁ ।

ମୋତେ ଯେତେବେଳେ ୩୫ ବର୍ଷ ହେଇଥିଲା ସେତେବେଳେ ଦୁଇଟି ବିଷୟ ହୃଦୟଙ୍ଗମ କରିପାରିଥିଲି ମୁଁ । ପ୍ରଥମ ଜିନିଷ ଏହା ଯେ ଆମ ମୁନି-ଋଷି ମାନେ ଯାହାକୁ କହିଥିଲେ ଆତ୍ମୋପଲବ୍ଧି (self-realization) ସେଇଟା ହିଁ ମଣିଷ ଜୀବନର ପ୍ରାଥମିକ ଲକ୍ଷ୍ୟ । ପାଶ୍ଚାତ୍ୟ ଜଗତ ତାଙ୍କ ଲୋକଙ୍କୁ ଏହା ସଂପନ୍ନ କରିବା ପାଇଁ ପ୍ରସ୍ତୁତ କରୁଛି ତାଙ୍କ ସଂସ୍କୃତିର ମାଧ୍ୟମରେ । ଆମେ କିନ୍ତୁ ତାହା ନ ବୁଝିପାରି ଖାଲି ତାଙ୍କର ବାହ୍ୟ ଅଳଙ୍କାର ଅନୁସରଣ କରିବା ପାଇଁ ପାଗଳ ।

ଦ୍ୱିତୀୟ ବିଷୟ ପ୍ରକୃତରେ ଯେ କୌଣସି ବ୍ୟକ୍ତି ବିଜ୍ଞାନ ପଢିଛି ଭଲ ଭାବରେ ଜାଣିଥିବେ । ତାହା ହେଲା କାରଣ (cause) ଓ ଲକ୍ଷଣ (symptom) ଭିତରେ ପାର୍ଥକ୍ୟ ଜାଣିବା । ଯଦି ତାହା ଭିତରେ ପ୍ରଭେଦ ଆମେ ଜାଣିପାରିବାନି, ତାହାହେଲେ ଆମେ ଖାଲି ବାହ୍ୟ ଅଳଙ୍କାର ଅନ୍ଧବିଶ୍ୱାସ ଭାବରେ ଅନୁକରଣ କରିବା ।

ଖାଲି ଯେ cybercafe ଅନୁଭୂତି ନୁହେଁ, ଅନ୍ୟ ପାରିପାର୍ଶ୍ୱ ଅନୁଭୂତି ମଧ୍ୟ ମୋତେ କହୁଛି ଯେ ବର୍ତ୍ତମାନର ଓଡିଆ ସମାଜ କେବଳ ପାଶ୍ଚାତ୍ୟ ଜଗତର ବାହ୍ୟ ଲକ୍ଷଣ ନକଲ କରିବାରେ ହିଁ ଲାଗି ପଡିଛି । ଏହାର ଅନ୍ୟ ଏକ ରୂପାନ୍ତର ହେଲା ଯେ କୌଣସି kids ଦୋକାନ ସମ୍ମୁଖରେ ପହଞ୍ଚିବା, ତେବେ ବାହାରେ ଯେଉଁ poster ଗୁଡିକ ଲାଗିଛି, ସେଥିରେ ଯେଉଁ ବାଳକ-ବାଳିକା ମାନଙ୍କ ଚିତ୍ର ସେଗୁଡିକ ସବୁ ଗୋରା ବାଳକ-ବାଳିକା ମାନେ । ମୁଁ ଏ ଗୋରା ଛୁଆ ମାନଙ୍କର ବିଜ୍ଞାପନରେ ଚିତ୍ରଣର ଅର୍ଥ ଆମ ସମାଜରେ ବୁଝିପାରୁନି, ନତୁବା ଏହା ଯେ ତାଙ୍କର ନକଲ କରିବା ହିଁ ସାର୍ଥକ ହେବାର ଏକମାତ୍ର ମାର୍ଗ ।

ଦୁଃଖର କଥା ଏହା ଯେ ଆମେ ପ୍ରକୃତରେ ଅନ୍ୟର ଭୁଲରୁ ଉଚିତ ଅନୁପାତରେ ଶିକ୍ଷା ଗ୍ରହଣ କରିନାହୁଁ । ପାଶ୍ଚାତ୍ୟ ଜଗତ ସବୁବେଳେ ଆମଠୁ ୨୫ ବର୍ଷ ଆଗରେ । ସେମାନେ ଯାହା କରୁଥିଲେ ଆମେ ତାକୁ ଅନୁକରଣୀୟ ଭାବି, ତାହାର ଯୁକ୍ତି-ଅଯୁକ୍ତି ନ ଭାବି ଅନ୍ଧ ବାବରେ ତାହାର ନକଲ କରିଚାଲିଛୁ ।

୧୯୮୦ ମସିହାରେ ଯେତେବେଳେ giant petrochemical କାରଖାନା ସବୁ ଭାରତରେ ଗଢା ହେଲା, ଆମେ ଗର୍ବ କରୁଥିଲୁ ଯେ ପରିଶେଷରେ ଭାରତର ଆଧୁନିକକରଣ ଦ୍ରୁତ ଗତିରେ ତ୍ୱରାନ୍ୱିତ ହେଲା । ବାସ୍ତବିକ ତଥ୍ୟ ଏହା ଯେ ସେତେବେଳକୁ ପାଶ୍ଚାତ୍ୟ ସମାଜ ଏହା ଯାଣି ପାରିଥିଲା ଯେ ଏହା ନିରାଟ ସତ୍ୟ, ଯେ petrochemical କାରଖାନା ଦ୍ୱାରା ସାମାଜିକ କ୍ଷତି ଲାଭଠାରୁ ଅନେକ ଗୁଣା ଅଧିକ । Pollution ଓ ବାତାବରଣର ଆଘାତ, ନାଗରିକ ମାନଙ୍କୁ ଏହି କାରଖାନା ପରୋକ୍ଷରେ ଉତ୍ତେଜିତ କରିଥିଲା । ପାଶ୍ଚାତ୍ୟ ସାମ୍ରାଜ୍ୟ ବାଧ୍ୟ ହୋଇ ଏହି ସବୁ କାରଖାନା ଅନ୍ୟ ଅଚେତ ଦେଶ ମାନଙ୍କୁ ବିକ୍ରି କରିଦେଲେ, ଏହିପରି ଦେଶ ଯେଉଁଠି ଲୋକମତ ବାତାବରଣ ଦୂଷିତକରଣର ପରୋକ୍ଷରେ ସେ ପର୍ଯ୍ୟନ୍ତ ଉତ୍ତେଜିତ ହୋଇ ନ ଥିଲା ।

ସେହି କାହାଣୀର ପୁନରାବୃତ୍ତି ଘଟିଲା software industry ସହିତ ବର୍ଷ ୨୦୦୦ରେ । Software industry ବହୁତ

ଦିନ ପର୍ଯ୍ୟନ୍ତ ଏକ ପ୍ରଗତିବାଡୀ ଶିଳ୍ପ ଭାବରେ ଗ୍ରହଣ କରାଯାଉଥିଲା । ଯେଉଁମାନେ ଏହି ଶିଳ୍ପରେ କାର୍ଯ୍ୟରତ ଥିଲେ ସେମାନଙ୍କୁ ସମା ଜ ବହୁତ ଆଦର ଅର୍ପଣ କରୁଥିଲା । ଯେତେବେଳେ ଏହି ଶିଳ୍ପର ପ୍ରଗତିଶୀଳତା ଶିଥୀଳ ହେବାକୁ ଲାଗିଲା ସେତେବେଳେ ପାଶ୍ଚତ୍ୟ ସାମ୍ରାଜ୍ୟମାନେ ତାଙ୍କ ପୂର୍ବ ଅର୍ଥନୀତିର ପୁନାରାବୃତ୍ତି କଲେ, ଏହି ଶିଳ୍ପଗୁଡିକୁ ଭାରତକୁ ସ୍ଥାନାନ୍ତରିତ କରିଦେଇ । ଅର୍ଥାତ୍ ଆମ୍ଭେମାଣେ ପୁଣି ଶିକାର ହେଲୁ । ଆମେ ପ୍ରକୃତରେ ସଫଳ ହେବୁ ଯେବେ ଆମେମାନେ ଶିକାରରୁ ଶିକାରୀ ପାଲ୍‌ଟିବୁ ।

ମୋରି ରହଣି ଭିତରେ 'ସମାଜ'ରେ ଗୋଟିଏ ପ୍ରବନ୍ଧ ବାହାରିଥିଲା, ଯେଉଁଥିରେ କି ଅନେକ ବିଶିଷ୍ଟ ବ୍ୟକି, ବିଶେଶତଃ ମନୋଜ ଦାସ, ଏକ ସଭାରେ ସାମିଲ ଥିଲେ । ସେ ସଭାର ମୁଖ୍ୟ ଆଲୋଚନା ବିଷୟ ଥିଲା ଯେ ଆଜି-କାଲିର ଶିକ୍ଷାରେ ଓଡିଆ ଭାଷା ପ୍ରାୟ ଲୋପ ପାଇଗଲାଣି କହିଲେ କିଛି ମିଥ୍ୟା ନୁହେଁ । କୌତୁହଳର ବିଷୟ ଏହା ଯେ ସମସ୍ତ ଆଲୋଚକ ଏକମତ ହୋଇଥିଲେ ଯେ ଏଥିପାଇଁ ପିତ-ମାତା ହିଁ ସଂପୂର୍ଣ୍ଣ ଭାବରେ ଦାୟୀ । ମୁଁ ବି ସେଇ ଯଥାଯଥ ସିଦ୍ଧାନ୍ତରେ ପହଞ୍ଚିଥିଲି ଦୁଇ-ତିନି ବର୍ଷ ତଳେ (ସତ୍ୟ ଦାଶ, ୨୦୦୩) ।

ଏହା ଆଗରୁ ମୁଁ କହିଥିଲି ପାଶ୍ଚତ୍ୟ ସଭ୍ୟତାର ଅନୁସରଣ କରି ଯୁବକ-ଯୁବତୀ ଏକ ୧ ବର୍ଗ ଫୁଟ କୋଠରୀରେ ଛନ୍ଦିହେବା ହୁଏତ ପ୍ରୟୋଜନୀୟ । ଏହାର କାରଣ ହେଲା ଯେ ସମଗ୍ର ଭାରତ, ଜାତିପ୍ରଥାର କୁପ୍ରଭାବରେ ବହୁ କ୍ଷତ-ବିକ୍ଷତ । ଯେତେଶୀଘ୍ର ସମ୍ଭବ ଏହି କୁପ୍ରଥାର ଅବଲୋପନ ହେବ ସେତେ ଶୀଘ୍ର ଏହା ଭାରତ (ଏବଂ ଓଡିଶା) ପାଇଁ ଏକ ଶୁଭ ସମାଚାର ।

ଯୁବକ-ଯୁବତୀଙ୍କର ପାରସ୍ପରିକ ଆକର୍ଷଣ ଦୈହିକ, ଏହାର ମୂଳ କାରଣ ଅଜ୍ଞାତ । କିନ୍ତୁ ସେ କାରଣ ଯାହା ବି ହେଉ, ଆକର୍ଷଣ ହେବା ସମୟରେ କୋଣସି ପୁରୁଷ ବା ସ୍ତ୍ରୀ କେବେହେଲେ ନିଜ ଜାତି କଥା ଭାବିବେନାହିଁ । ହୁଏତ ପୂର୍ବୁ ପାରିବାରିକ ମାନସିକ ଚାପ ଭୟରେ ଯୁବକ-ଯୁବତୀ ପଛଘୁଞ୍ଚା ଦେଉଥିଲେ । ବର୍ତ୍ତମନର ଆଧୁନିକ ସମୟରେ ଏହିପରି ପଛଘୁଞ୍ଚା ଘଟିବା ଆଉ ସମ୍ଭବ ନୁହେଁ । ତା' ଛଡା ମୁଁ ବି ଯଦି ସେ ଯୁବକ କି ଯୁବତୀଙ୍କ ସ୍ଥାନରେ ଥାନ୍ତି, ତା'ହେଲେ ସେ cybercafeର ସଂପୂର୍ଣ୍ଣ private ଓ ସୁରକ୍ଷିତ କୋଠରୀ ଆମ ଭଳି densely populated ଦେଶରେ, ସବୁଠୁଁ ଉପଯୁକ୍ତ ସ୍ଥାନ ।

ଅସମ୍ଭବତାଟି ଆସୁଛି କେବଳ ଯୁବକ-ଯୁବତୀଙ୍କ ନିର୍ଭୟତା ହେତୁ ନୁହେଁ । ଏହାର ଅନ୍ୟ ଏକ ମୂଳ କାରଣ ହେଲା ଯେ ବର୍ତ୍ତମାନର ପିତା-ମାତା (ଆମ୍ଭେମାନେ) ଧୀରେ-ଧୀରେ ନବଯୁଗର ଅବିବାହିତ ପୁରୁଷ-ନାରୀଙ୍କ ଘନିଷ୍ଠ ସଂପର୍କ ସ୍ଥାପିତ ହବା ଆମ ଆଭ୍ୟନ୍ତରରେ ସ୍ୱୀକାର କରିସାରିଲେଣି । ସେ ସ୍ୱୀକାରର ପ୍ରତିଫଳନ ଆମକୁ ଆମ ପିଲା-ଛୁଆମାନଙ୍କର ଅନ୍ୟ ଲିଙ୍ଗ ପ୍ରତି ଶାରୀରିକ ଆକର୍ଷଣ ପ୍ରତି ତରଳ କରିଦେଉଛି ।

ଯଦି ଏହା ସତ୍ୟ ଯେ ପାରସ୍ପାରିକ ଆକର୍ଷଣର ଶକ୍ତିରେ (ବା କାରଣରେ) ଜାତି-ଗୋତ୍ର ବିଲ୍‌କୁଲ ଅନ୍ତର୍ଭୁକ୍ତ ନୁହେଁ, ତାହାହେଲେ ବହୁତ ଶୀଘ୍ର, ଅଧିକାଂଶ ନୂତନ ଦଂପତି ଗୁଡିକ ମିଶ୍ର ଜାତିର ହବାର ସମ୍ଭବନା ଅତ୍ୟଧିକ । ଏହା ଫଳରେ ଜାତିପ୍ରଥା ଲୋପ ପାଇବ ।

## References

୧· ଓଡିଆ କହିବା ନିତାନ୍ତ ଆବଶ୍ୟକ, ସତ୍ୟ ରଞ୍ଜନ ଦାଶ, ଅଗଷ୍ଟ ୨୦୦୩, ଦୂରଦୃଷ୍ଟି, ପୃଷ୍ଠା ୩୩-୪୯

---

## Beauty and Ugliness

**Sruti Mohapatra**
**Bhubaneswar, Orissa**

Once arguing about something with Manoj our conversation drifted in another direction. From flaring temper we reached the bounds of beauty and ugliness.
'Why do you do this? Turn around the ugliest to look the most beautiful'. I asked him.
'There is no ugliest ever. Beauty is all around. Just one needs to look intently' was his quick and pragmatic reply.

That set me thinking. Is there an underlying reason why some things are beautiful and some are not? Is it all just cultural conditioning? Is there any such a thing as a sense of beauty?

I find Bhubaneswar hot, humid, and dirty. I crib over the rickshaws, congested roads, swarming crowds. American tourists delight in the bright sun filled days, joyously ride the colorful rickshaws and enjoy the tropical climate. Thus beauty of Bhubaneswar reaches out to us differently. There is beauty in all. There are no limits to the perception of it, except for the limits imposed by the self and/or cultural upbringing.

What is really beautiful and what ugly? Probably that which we judge as 'ugly' or 'beautiful' tend to be formal notions which do not go beyond the surface of what we see, and also tend often to be received ideas, never our own. As we begin our sojourn in this world we learn from people around us. A smile is beautiful, a cry is ugly. Light is beautiful, darkness ugly. Soft words beautiful, yelling ugly. And thus when we make judgments about 'beauty' and 'ugliness', we tend to do so on the basis of what we have learnt. A well-dressed woman is beautiful; someone fair skinned is beautiful. The beggar on the street is ugly and so is a pock parked or dark skinned woman. Thus it is always the external manifestation, the apparent beauty of what we see in front of us, and not what is behind it defines our concept of beauty and ugliness. So much so, indeed, that we are always blinded by appearances.

But now trying to discover beauty in ugliness I find it fascinating. The elegance of ugliness or the beauty of ugliness. It is an intrigue.

Beauty and ugliness keep changing hues as the object passes from one frame to the other. For we each has our own set of guidelines to define things. A beautiful flower may be ugly for another as the person looking at it defines a beautiful flower as one with fragrance not vibrant petals! And the ugliest child is the world's most beautiful for its mother.

Then how do we define beauty? And ugliness? I would define beauty as that which lights up the soul and ugliness as anything that causes pain. There are moments in life when we see more beauty in ugliness, which often penetrates our soul and the ugliness reflects a sort of eagerness of hope, though vague, of reshaping. Such a hope itself is a virtue therefore beauty. And thus ugliness is already redeemed of half its ugliness. I have often heard people saying 'How could he marry her or how could she marry him, he/she is so ugly and she/he so beautiful'? To say that one is interested in ugliness is ironical, the truth is that the person sees clearly a beauty in the other, beauty that leads him to happiness, peace, certainty, and eternity.

I observe the clouds, trees, stars, mountains, birds and streams, which blend with each other to complete a song of natural harmony. They all know their own places, they never trespass but respect the others, and in song and action do their best. The crow's cawing is harsh as is the roar of the thunder. But the crow flies majestically. You have to look at its flapping wings in the backdrop of a blue sky. Thunder is scary but the drops of rain, the fragrance of earth and the cool breeze make us yearn for more. So nature's beauty is enhanced even by the ugly notes, which mingle harmoniously in the larger picture.

Beauty is that which is pleasurable to any individual, whether is it visual, auditory as in harmonious sounds, perhaps music, inner beauty of a person's character, or an experience that

would create everlasting memories of happiness. Beauty depends perhaps on perception. My experience with Collete is one such example. I had met her in rehab center. She was more deformed than any one I had ever seen. She had shrunk into her wheelchair for all I could notice were a pair of bright red shorts and an equally bright T-shirt. Next were two flexed hands with curled fingers and a pair of bent legs. And then the face! The eyes held profound warmth and the smile overrode all her physical anomalies. Indeed everything is beautiful in it's own way.

One has only to see a mother kissing a severely disfigured child, a angelic child holding on to a severely repulsive father, a student looking up at her unsightly teacher with reverence that one understands that life's vitality stems from the beauty that is refined through ugliness and then one realizes ugliness is not ugliness at all. As Manoj said ‘ Real beauty is FACELESS. It is internal and from WITHIN’.

---

## ମୃତ୍ୟୁକୁ

PROF. SANJOY MOHANTY
Dept. of English, Khalikot College
Berhampur, India
February 19, 1956

ମୃତ୍ୟୁ!!
ଜୀବନ-ଦୃଶ୍ୟର ଶେଷ ଯବନିକା ତମେ ...
ଜନ୍ମନେଲା ପରେ ଏଇ ଧରାଧାମେ,
ତମରି ସାନ୍ନିଧ୍ୟ ମୁଁ ଖୋଜିଛି ବହୁବାର
ନାହିଁ ତାର ଇୟତ୍ତା
କିନ୍ତୁ ପାଇନି ତୁମରି ସତ୍ତା
ଜାଣିଛି କେବଳ ତୁମରି ଜୟଗାଥା

ଧରଣୀର କମ୍ର ତନୁ ପରେ କଟାଇଛି ଚଉଦ ବରଷ
ଦେଖିଛି କେବଳ ମିଥ୍ୟାର ଜୟଯାତ୍ରା
ଏଣୁ ଏଇ କ୍ଷଣସ୍ଥାୟୀ, ଅନିତ୍ୟ ଜୀବନ ପରେ ନାହିଁ ମୋ ଆସ୍ଥା
ଖୋଜିଛି ତମରି ସାନ୍ନିଧ୍ୟ
ପାଇନି ତମରି ସତ୍ତା

ମୃତ୍ୟୁ ହେ!!
ଜାଣିଛି କେବଳ ତମରି ଜୟଗାଥା
ଦେଖିଚି ମୁଁ ଧରିତ୍ରୀର ନୀଳ ପଣତରେ ଲାଗିଛି ରକ୍ତର ଛିଟା
ମିଥ୍ୟାର ଆଢୁଆଳେ ସତ୍ୟର ନାହିଁ ସତ୍ତା -
ଯୁଦ୍ଧ-ବିଭୀଷିକାର ରାଜତ୍ୱେ
ଶାନ୍ତି କପୋତ ଚିତ୍କାର କରେ ଯେ,
ଭ୍ରାନ୍ତ ମସୀର ଆଗେ
ଅସହାୟ ହୋଇ ।

ତେଣୁ ମୁଁ ଖୋଜିଛି ତୁମରି ସାନ୍ନିଧ୍ୟ
କିନ୍ତୁ ପାଇନି ତମରି ସତ୍ତା
ଯେଣୁ ସଭ୍ୟତାର ରଥଚକ୍ର ତଳେ ତମରି ସ୍ମରଣ ପାଇଁ
ପାଇନାହିଁ ମୁଁ ସ୍ୱାଧୀନତା
ମୃତ୍ୟୁ ହେ!! ଏଣୁ
ତବ ନିବିଡ଼ ଆଶ୍ଳେଷ ଦିଅ
ହେ ମୃତ୍ୟୁ!! ମୋ ଜୀବନ-ଦୃଶ୍ୟର ଶେଷ ଯବନିକା ଟାଣି ଦିଅ ॥

---

## Why Paradigm Shift is so difficult for the Living Human Beings (Part –II)

**Biswa Ranjan Jena**
Pueorto Rico

As predicted by the great Oracle, today’s conference of the World Council of Paramatmas did not end in a full consensus, as the chairman God with his right dress and custom, was not in the mood to give up with the living beings ,especially human race. When a journalists asked why he keeps appearing in various dress & custom like Christian God, Allah and Krishna etc? He replied, “Why the Hell not? I still get enormous satisfaction & enjoy from watching my creations fight amongst them-selves, so what would I gain by just appearing to be exactly the same for all? The spice of life including love,

hate ,anger, frustration etc, you know, all these , I make them, I break them, whenever I want. Besides, you should watch your mouths journalists, there is plenty of rooms for you guys in Hell, too, Specially you, Mary pin head (pointing finger to her God murmured). Better you shut up or I will have to take special care of you. "Oh, no Dad - that could hurt" says Jesus from behind. "Ooopss…" says God. The vast majority of Paramatmas, especially the members from the East and their cousins from West, suggested for a simpler, single string system. But the lack of consensus is disappointing, shouted Saturn from the west. In support of that, Medusa from the middle earth says, it is just too confusing for humans beings the way it is been for the last few thousand years. We are confident that everything would run a lot smoother if the Council could standardize for a single, common and reliable protocols for manifestations, apparition and communication, a suggestion came out from guru Brihaspati from East. Is there nothing that can be done to make the chairman fall into line with the Council? …Somebody whispered from the dark south. Well, they are pretty much for the God to call the shots, so we are here very dependent on his mood. The tricky thing is that his mood is so dependent on how living human beings interpret his mystical messages, Says the Spook Angle after watching God press a button for the activation of another hurricane in the Caribbean. In reply another Spook Angle says, we have ordered millions of living humans to pray, stroke crystal balls, make sacrifices and few other millions to generally run around looking stupid and doing foolish things like pointing their middle fingers & showing their bottoms in our direction, just in case any one of them clicks. But it doesn't really seem to help, even though we've got some excellent mediums and channelers working for us 24 X 7 now, CEO of the Call Centre shouted. In reply God says, the real problem is that the sixty two billion members of the Council have to spend too much time sorting Karmas and selecting channelers. The Karma Project requires quite a panel of judges, all of whom must themselves have broken the Karma circle, and the selection of channelers keeps our employment angels and job consultants spirits busy. We will just have to wait and see a few thousand years more, until next Solar Catastrophes, I mean Kali-Yoga. I would rather hope the Paradigm Shift will make the eternal lives easier for the human beings, but it has just become more confusing, because there are so many more questions to answers now. God ended his speech by signing this final resolution for the Council.

This live broadcast report from the Council of Paramatmas Conference is brought to your heart, soul & mind directly by Information Telepathy (IT) division. So Clairvoyants, Soothsayer, Prophets, Astrologers, Numerologists, Clergy & Forecasters are kindly advised to forward this message to the survived living human races who are not yet connected through IT.

---

# ପ୍ରଣୟ

ରାନୁ ମହାରଣା, ଭୁବନେଶ୍ୱର

ରାନୁ ମହାରଣା ୧୯୬୮ ମସିହା ଫେବ୍ରୁୟାରୀ ୨୯ ତାରିଖରେ କଟକ ଜିଲାର ମିର୍ଜାରପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତା ମାତା ହେଲେ ସୁଧାକର ଓ ହେମଲତା ମହାରଣା । ଧରିଣୀ ବୁକୁରେ କୁନି କୁନି ପାଦରେ ଚାଲିବା ଆଗରୁ ପୋଲିଓରେ ଆକ୍ରାନ୍ତ ହୋଇ ସାରା ଜୀବନ ପାଇଁ ପଙ୍ଗୁ ହୋଇଗଲେ । କିନ୍ତୁ ମନରେ ସେ କେବେ ପଙ୍ଗୁ ହୋଇ ନାହାନ୍ତି । ସ୍ୱାମୀ ବିବେକାନନ୍ଦ ମେମୋରିଆଲ କଲେଜ୍, ଜଗତସିଂହପୁରରୁ ସ୍ନାତକ ଡିଗ୍ରୀରେ ସଫଳ ଭାବରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୯୩ ମସିହାରୁ ଓଡିଶା ସରକାରଙ୍କ ଅଧିନରେ କୃଷି

ଯନ୍ତ୍ରପାତି କାରଖାନା, ସତ୍ୟ ନଗର, ଭୁବନେଶ୍ୱରରେ (୨୫୦ ୧୬୬୦) ନିଯୁକ୍ତ ହୋଇଛନ୍ତି । ବିଶ୍ୱାସ ଯେ ମନ ମଜବୁତ କଲେ ପଙ୍ଗୁତ୍ୱ ମୁହଁ ଲୁଚାଇ ଯିବ ।

ଧୀର ସମୀରେ ଯମୁନା ତୀରେ
ବଂଶୀ ବାଜୁଥିଲା ରାଇ ନାମରେ
ଭାନୁମତିଙ୍କର କି ମାନ ହେଲା
ବ୍ରଜନନ୍ଦନଙ୍କ ବୁଦ୍ଧି ହଜିଲା --

ତମାଳ ବନେ -
ବାଇଲେ ବଂଶୀ ବିଶାଦ ମନେ
ଉଛୁଳି ପଡିଲା ଯମୁନା ପାଣି
ସପ୍ତ ସ୍ୱରେ ବଂଶୀ ଡାକ ଦେଲାଣି
ଉଠ ମାନ ଭାଙ୍ଗ କୃଷ୍ଣ ମୋହିନୀ
ବେଣୁ ପାଣି ବୁଦ୍ଧି ହଜି ଗଲାଣି ।

ରାଇ କିଶୋରୀ -
ପାରିବେ କି ରହି ଛାଡି ବିନୋରୀ
ଏମିତି ପ୍ରୀତି,
ପରାଣେ ପରାଣ ବନ୍ଧା ପଡିଛି
ଭାନୁ ଦୁଲ୍ଲାରୀଙ୍କ ଶ୍ରୀମୁଖ ଚାହିଁ
ମୃଦୁ ମୃଦୁ ହସି ଦିଏ କହ୍ନାଇ ।

---

# କୁକୁଡା ଚାଷ

ପରାଶର ମିଶ୍ର, ଟରୋଣ୍ଟୋ, କାନାଡା

*ଟରୋଣ୍ଟୋରେ ପରାଶର ମିଶଙ୍କ ନାଁ ଓଡିଆ ମାନଙ୍କ ଘରେ ଘରେ ସୁପରିଚିତ । ଦୀର୍ଘ ୮ ବର୍ଷ ହେଲା ସେ ଓ ତାଙ୍କ ସାଥୀମାନେ ଓଡିଆ ସଂସ୍କୃତିକୁ ବଜାୟ ରଖିଛନ୍ତି । ପ୍ରତି ବର୍ଷ ପରାଶର ମିଶ୍ର ଓ ତାଙ୍କ ସାଥୀମାନେ ଏକ ଓଡିଆ ନାଟକ ପରିବେଷଣ କରନ୍ତି । ସାଧାରଣତଃ ନାଟକର ନିର୍ଦ୍ଦେଶନା ଦିଅନ୍ତି ପରାଶର ବାବୁ । ଧୀରେ ଧୀରେ ଗତ କିଛି ବର୍ଷ ହେଲା ପରାଶର ବାବୁ ନାଟକର ନିର୍ଦ୍ଦେଶନା ସହିତ, ନାଟକ ରଚନା ବି ଶୁଭାରମ୍ଭ କରିଦେଇଛନ୍ତି । ଏକାଙ୍କିକା 'କୁକୁଡା ଚାଷ' ୨୦୦୪ରେ କାନାଡୀୟ ଓଡିଆ ସମାଜର ବାର୍ଷିକ ଉତ୍ସବ 'ବୋଇତ ବନ୍ଦାଣ'ରେ ପରିବେଷଣ କରାଯାଇଥିଲା । ନାଟକଟି ଅତ୍ୟନ୍ତ ମନୋରଞ୍ଜକ ହୋଇଥିଲା ଓ ଦର୍ଶକମାନଙ୍କ ଦ୍ୱାରା ସର୍ବାଦୃତ ହୋଇଥିଲା । ନାଟକରେ ଅଭିନୟ କରିଥିଲେ ଶ୍ରୀମତୀ ଅପର୍ଣ୍ଣା ଦାଶ, ଶ୍ରୀମତୀ ସନ୍ଧ୍ୟା ପଠାନିଆ, ଶ୍ରୀ ଅଶୋକ ମହନ୍ତ,, ଶ୍ରୀ ନନ୍ଦକିଶୋର ମଲ୍ଲିକ, ଶ୍ରୀ ପରାଶର ମିଶ୍ର ଓ ଶ୍ରୀ ସତ୍ୟ ରଞ୍ଜନ ଦାଶ ।*

## ନାଟକର ଚରିତ୍ର ଚିତ୍ରଣ

ଘନଶ୍ୟାମ**:** କାନାଡା ଫେରନ୍ତା ଓଡିଆ ପ୍ରୌଢ

ସୁପ୍ରଭା**:** ଘନଶ୍ୟାମ ବାବୁଙ୍କ ପତ୍ନୀ

ନଟବର**:** ଘନଶ୍ୟାମ ବାବୁଙ୍କ ଭ୍ରାତା

ସମୀର**:** ଓଡିଶା ପୋଲିସ ଅଫିସର୍

ସୁଷମା**:** ରାଜନୈତିକ ନେତ୍ରୀ

ରାଜକିଶୋର**:** Income Tax Officer

## ପ୍ରଥମ ଦୃଶ୍ୟ

[ଘନଶ୍ୟାମ ବାବୁଙ୍କ ଘର ବୈଠକ ଖାନା । ଟେବୁଲ ଉପରେ ରେଡିଓ, ଟେଲିଫୋନ, ଫୁଲଦାନୀ, newspapers, ଜଗନ୍ନାଥଙ୍କ ଫଟୋ ଇତ୍ୟାଦି … । ଘନଶ୍ୟାମ ବାବୁ coat, tie, ଇତ୍ୟାଦି ପିନ୍ଧି ରେଡିଓରୁ ସମ୍ବାଦ ଶୁଣୁଥିବେ । ରେଡିଓରୁ ସମ୍ବାଦ ସରିବା ପରେ**...**]

ଘନଶ୍ୟାମ: ସୁପ୍ରଭା, ସୁପ୍ରଭା, ମୋର ପ୍ରାଣପ୍ରିୟା ସୁପ୍ରଭା । ଆରେ ଘର ଭିତରଟାରେ କଣ କରୁଛ ଏତେ ବେଳ ଯାଏଁ? ଆସ ଏଠିକି ଆସ । ମୋ ପାଖକୁ ଟିକିଏ ଆସ ।

ସୁପ୍ରଭା: (ଘନଶ୍ୟାମ ବାବୁଙ୍କ ସ୍ତ୍ରୀ ଟିକିଏ ରାଗ ରାଗ କରି ପ୍ରବେଶ କରିବେ । ହାତରେ ମଇଳା ତଉଲିଆଟିଏ, ରାନ୍ଧିବା ଡଙ୍କି କି କରଚୁଲୀ ଅନ୍ୟ ହାତରେ ।)
ହଇଏ କାହିଁକି ଗୋଟେ ସକାଳ ପହରୁ ଏଇ ବୈଠକ ଖାନାରେ ବସି ଏମିତି ହାଲ୍ଲା କରୁଛ?

ଘନଶ୍ୟାମ: (ସ୍ନେହ ଓ ନରମ ଗଳାରେ)
ସୁପ୍ରଭା, ଏ ସୁପ୍ରଭା -- ତମକୁ ସ୍ନେହରେ, ପ୍ରେମରେ ଟିକିଏ ମୋ ପାଖକୁ ଡାକିଲେ ଏମିତି ମୋତେ କାମୁଡି ଗୋଡଉଛ କାହିଁକି । ମିଛଟାରେ ମୋ ଉପରେ ସବୁବେଳେ ରାଗୁଛ କାହିଁକି ?

ସୁପ୍ରଭା: ରାଗିବିନି ଆଉ କଣ ଫୁଲ ଚନ୍ଦନ ଦେଇ ତମକୁ ପୂଜା କରିବି? ହଇଏ ସକାଳୁ ସକାଳୁ ଗାଧେଇ ପାଧୋଇ ପେଟେ ଜଳଖିଆ ଖାଇ coat-tie ପିନ୍ଧି ଲାଟସାହେବ ଭଳିଆ ତ ବୈଠକ ଖାନାରେ ଆସନ ଜମେଇ ବସି ପଡିଲ ! ଆଉ ଘର କାମ ସବୁ କିଏ କରିବ ।

ଘନଶ୍ୟାମ: କରିବି, କରିବି, ଘର କାମ, ବାହାର କାମ ସବୁ କରିବି । (Pause ଦେଇ) -- ଆରେ ମୁଁ କାହିଁକି କରିବି? ତମ ପାଇଁ ଚାକର, ବାକର, ମାଳୀ, ଜଗୁଆଳୀ ସବୁ ଖଞ୍ଜି ଦେବି । ତମକୁ ମା, ମା, ବାବୁଆଣୀ, ବାବୁଆଣୀ କହି ତମ କାମ, ଘରକାମ, ବାହାର କାମ ସବୁ ସେମାନେ କରିବେ । ତମେ ମୋର ରାଣୀଟିଏ ହୋଇ ବସି ରହିବ । ଖାଲି ସେମାନଙ୍କୁ order କରିବ ଲ୍ଲ order । ଆଉ କିଛିଟା ଦିନ ବାସ୍ ଧୈର୍ଯ୍ୟ ଧର । ଧୈର୍ଯ୍ୟ, ଧୈର୍ଯ୍ୟ ହିଁ ସର୍ବଶକ୍ତିମାନ !

ସୁପ୍ରଭା: ହଇହେ ଏଇ ବାହାପିଆ କଥା କହିବାକୁ ମୋତେ ଡାକୁଥିଲ । ରଖ ରଖ ତମ ବାହାପିଆ କଥା । ମୁଁ ଯାଏଁ ଘର ଭିତରେ କେତେ କାମ ବାକି ପଡିଛି। (ଘର ଭିତରକୁ ପ୍ରସ୍ଥାନ ଅଭିନୟ)

ଘନଶ୍ୟାମ: ଆରେ ଆରେ ଭିତରକୁ ପଳାଉଛ କଣ? ରୁହ ରୁହ ! ହଇଏ ତମେ ଆଜିର ମୁଖ୍ୟ ସମ୍ବାଦଟା ରେଡିଓରେ ଶୁଣିଲଟି?

ସୁପ୍ରଭା: ମଲା ମୋର ! ହଇଏ ମୁଁ କଣ କାଲୁଣୀଟିଏ ଯେ ସମ୍ବାଦଟା ଶୁଣି ପାରିଲି ନାହିଁ? ତମେ ପରା ସକାଳୁ ସକାଳୁ full volumeରେ radio ଲଗାଇ -- ସାଇ ପଡିଶା, ସାରା ଦୁନିଆକୁ ସମ୍ବାଦ ଶୁଣାଉଛ?

ଘନଶ୍ୟାମ: ଶୁଣିଛ, ସମ୍ବାଦଟା ତମେ ଶୁଣିଛ? କହିଲ, କହିଲ ଦେଖି ଆଜିର ମୁଖ୍ୟ ସମ୍ବାଦଟା କଣ ଥିଲା?

ସୁପ୍ରଭା: ମଲା ମୋର କିଏ ନେତା ହେଲା, କିଏ ମନ୍ତ୍ରୀ-M.L.A. ହେଲା, କିଏ କେତେ ଦୁର୍ନିତୀ କଲା, ପଇସା ମାଇଲା, ହେରା ଫେରୀ କଲା ସବୁଦିନ ତ ସେଇ ସମ୍ବାଦ । ଆଜି ପୁଣି ଆଉ ନୂଆ ସମ୍ବାଦଟା କଣଥିଲା ଯେ ମୁଁ ଶୁଣିବି?

ଘନଶ୍ୟାମ: ହେତ୍ ତେରିକୀ -- ଏଇତ ତମର ଅଖାଡୁଆ କଥା । ତମେ ମୋଟେ ମୁଖ୍ୟ ସମ୍ବାଦଟାକୁ ଧ୍ୟାନ ଦେଇନ?

ସୁପ୍ରଭା: ହୁ ହୁ ତମ ଧ୍ୟାନ ତ ମୁଁ ଭଙ୍ଗ କରିନଥିଲି? କୁହ ଜଲଦି କୁହ ଆଜିର ମୁଖ୍ୟ ସମ୍ବାଦ କଣ ଥିଲା?

ଘନଶ୍ୟାମ: ବୁଝିଲ ସୁପ୍ରଭା! ଆକାଶବାଣୀ, ଧରିତ୍ରୀ, ସମାଜ, ପ୍ରଜାତନ୍ତ୍ର, ସମ୍ବାଦ ସବୁଥିରେ ଆଜିର ମୁଖ୍ୟ ସମ୍ବାଦ ଯେ ଓଡିଶାର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନୂତନ ପଟ୍ଟନାୟକ ନୂତନ ଧରଣରେ ନୂତନ ଓଡିଶା ଗଢିବା ପାଇଁ ବିଦେଶୀ ଓଡିଆମାନଙ୍କୁ ନିଜ ଦେଶକୁ ଫେରିଆସିବାପାଇଁ ଅନୁରୋଧ ଆଉ ଆହ୍ୱାନ ଦେଇଛନ୍ତି ।

ସୁପ୍ରଭା: ଚୁଲିକୁ ଯାଉ ସେ ଆହ୍ୱାନ, ଅନୁରୋଧ । ହଇଏ ସେଥିରୁ ମୋତେ କଣ ମିଳିବ? ତମ ମନ ତ Torontoରେ ଲାଗିଲାନି ବୋଲି, ପୁଅ-ଝିଅ ଦିଟାଙ୍କୁ ମୋର ସେଠି ଛାଡି, ମାସେ ହେଲା ମୁଁ ଏଠି ତମ ସାଙ୍ଗରେ ପଡି ରହିଛି ।

ଘନଶ୍ୟାମ: ଓଡିଶା ଆସି ପହଞ୍ଚିବାର ମାସକ ଭିତରେ ମୁଁ ମୋର ବ୍ୟବାସାୟଟା ମଧ୍ୟ ଏଠି ତ ଆରମ୍ଭ କରିଦେଇଛି ।

ସୁପ୍ରଭା: (ଥଟ୍ଟାରେ) ରଖମ ତମର ବ୍ୟବସାୟ । ହଇଏ ଇଏ କି ବ୍ୟବସାୟ?

ଘନଶ୍ୟାମ: କଣ ହେଲା? କୁକୁଡା ଚାଷ ବ୍ୟବସାୟ ମୋର! ତମକୁ କଣ ଗନ୍ଧାଉଛି?

ସରିପ୍ରତି ଢେଉ ଦୋଳେ ପର୍ବତ ଆକାରେ
ସଲିଳପ୍ରାର୍ଥୀ ଚାତକ ଜଳଧର ଠାରେ ।

ସୁପ୍ରଭା: କାହିଁକି ଗୋଟେ ମାସେ ହେଲା କୁକୁଡା ଚାଷ, କୁକୁଡା ଚାଷ ବୋଲି ହାଲ୍ଲା କରୁଛ? ହଇଏ poultry farm କଣ ତମ ପାଟିରେ ପଶୁନି?



ଘନଶ୍ୟାମ: ଏଁ -- ଓଡିଆ ଘରର ପୁଅ ମୁଁ, ଓଡିଶା ମୋ ଦେଶ! ଓଡିଆ ମୋ ମାତୃଭାଷା ! ମୁଁ କାହିଁକି poultry, ସଲ୍ଟ୍ରି farm କହିବି? ମୁଁ ତ ଗର୍ବରେ କହିବି ମୁଁ କୁକୁଡା ଚାଷ କରୁଛି !

ସୁପ୍ରଭା: ମୋତେ ଆଉ ରଗାଅନା କହୁଛି । କିଏ ଏଠି ଉଡାଜାହାଜ, ବୁଡା ଜାହାଜ ବ୍ୟବସାୟ କରୁଛି ତ, କିଏ ପୁଣି ରାତାରାତି M.L.A, ମନ୍ତ୍ରୀ, contractor ହୋଇ କୋଟିପତି ବନୁଛି ଆଉ ତମର କଣ ନା କୁକୁଡା ଚାଷ, କୁକୁଡା ଚାଷ, କୁକୁଡା ଚାଷ ।

ଘନଶ୍ୟାମ: କାହିଁକି କୁକୁଡା ଚାଷ କଣ ଖୁଚୁରା ଚାଷ? ତମେ ଟିକେ ଧୈର୍ଯ୍ୟ ଧର । ଛଅ ମାସ ଭିତରେ ଦେଖିବ ଆମେ ବି କୋଟିପତି ବନିଯିବା ।

ସୁପ୍ରଭା: ଥାଉ ଥାଉ ସେ ବାହାପିଆ କଥା । ଦିନରେ, ରାତିରେ ଆକାଶକୁ ଚାହିଁ ପରା ତାରା ଗଣୁଥାଅ ।

ଘନଶ୍ୟାମ: ମୁଁ କାହିଁକି ତାରା ଗଣିବି ମ? ଚନ୍ଦ୍ର, ତାରା ଆକାଶରୁ ତୋଳି ଆଣି ତମକୁ ଦେବି ... ଟିକିଏ ଧୈର୍ଯ୍ୟ ଧର ! ହଇଏ ସୁପ୍ରଭା କାନାଡାରେମୋର ଘରଦ୍ୱାର ବିକି, ଏଟଜି ଓଡିଶା ଆସି ଭଡାଘରେ ରହି କୁକୁଡା ଚାଷ କରି ଛ ମାସରେ କୋଟିପତି ହେବାର ପ୍ରେରଣା, ଉତ୍ସାହ ମୋତେ ଦେଲା କିଏ?

ସୁପ୍ରଭା: (ରାଗରେ) କଣ ମୁଁ ଦେଲି?

ଘନଶ୍ୟାମ: ହେତତେରିକି, ତମକୁ ଆଲ କହିଲେ କାଲ ଶୁଭୁଛି । ହଇଏ ମୁଁ କଣ କହିଲି ତୁମେ ମୋତେ ଏ ପ୍ରେରଣା ଦେଲ ନା ଆଶା ଦେଲ? ନା ନା ତୁମେ ନୁହେଁ । ନଟବର, ସେଇ ନଟ ମୋର ଭାଇ, ମୋତେ ସାହସ, ଉତ୍ସାହ, ଓ ପ୍ରେରଣା ଦେଲା ।

ସୁପ୍ରଭା: ମଲା ମୋର । କେତେ ସ୍ନେହ, କେତେ ଶ୍ରଦ୍ଧା ତମର ବାବୁ ନଟବରଙ୍କ ପାଇଁ? ଓଧ ସାଙ୍ଗରେ ଭୂଆଁ ବିଲେଇ ବଣା ।

ଘନଶ୍ୟାମ: ଥଟ୍ଟା-ମଜା ଜମା କରନି ସୁପ୍ରଭା । ନଟକୁ ମୁଁ ପିଲାଦିନରୁ ଜାଣେ । ମୋର ଛୋଟ ଭାଇଠାରୁ ବେଶୀ ସ୍ନେହ ତାକୁ କରେ । ଚାହା-ପାନ ବିକାରୁ ଜୀବନ ଆରମ୍ଭ କରି ଆଜି ଏ ଓଡିଶାରେ କେତେବଡ contractor ହେଲାଣି? ଦି-ଦିଟା ସିନେମା ଘର, ଦି-ଦିଟା hotel ତ ଖାଲି ତାର ଏଇ ସହରରେ ।

ସୁପ୍ରଭା: ହଉ ହଉ ଦେଖିବା, କୁକୁଡା ଚାଷରୁ କାମ ଆରମ୍ଭ କରି ତମେ କେତେ ବାଟ ଯାଏ ଯିବ?

ଘନଶ୍ୟାମ: ଯିବି, ଯିବି, ବହୁତ ଆଗକୁ ଯିବି । କାନାଡା ଫେରନ୍ତା ଓଡିଆ ପୁଅ ମୁଁ -- କୁକୁଡା ଚାଷ କରି ଓଡିଶାରେ କୋଟିପତି ହେବି ।

(ଏହି ସମୟରେ ବାହାର କବାଟରେ ଶବ୍ଦ)

ସୁପ୍ରଭା: ମଲା ମୋର, ସକାଳୁ ସକାଳୁକିଏ ଆସି କବାଟ ବାଡେଇଲାଣି (pause ନେଇ) -- ଆସନ୍ତୁ ଆସନ୍ତୁ ଆଜ୍ଞା, ଭିତରକୁ ଆସନ୍ତୁ, କବାଟ ଖୋଲା ଅଛି ।

(Income Tax officer ରାଜର ପ୍ରବେଶ -- ହାତରେ briefcase, , ଅନ୍ୟହାତରେ file କାଗଜ)

ଘନଶ୍ୟାମ: ନମସ୍କାର ଆଜ୍ଞା, ନମସ୍କାର ! ଆପଣ କିଏ ମୁଁ ତ ଜାଣିପାରିଲିନାହିଁ ।

ରାଜ: ଜାଣିବେ, ଜାଣିବେ, ଭଲକରି ଜାଣିବେ ! ଆଗ ଆପଣ କୁହନ୍ତୁ -- ଆପଣଙ୍କ ନା ଘନଶ୍ୟାମ ଦାଶଟି?

ଘନଶ୍ୟାମ: ହଁ ଆଜ୍ଞା ହଁ, ମୋ ନାମ ଘନଶ୍ୟାମ ଦାଶ । ବିଦେଶ ଫେରନ୍ତା ଘନଶ୍ୟାମ ମୁଁ । ଆଉ ଇଏ ମୋର ସହଧର୍ମିଣୀ ସୁପ୍ରଭା ଦାଶ । ଆପଣଙ୍କ ନା ଟା କଣ ଆଜ୍ଞା?

ରାଜ: ମୋ ନା ଆଜ୍ଞା ରାଜକିଶୋର ସାମନ୍ତରାୟ । ଦିଲ୍ଲୀ ଫେରନ୍ତା ଭାରତ ସରକାରଙ୍କ କର୍ମଚାରୀଟିଏ । Income Tax officeରୁ ଆସିଛି ।

ଘନଶ୍ୟାମ: ଦିଲ୍ଲୀ ଫେରନ୍ତା, ବିଦେଶ ଫେରନ୍ତା -- ସବୁ ଏକା କଥା ରାଜକିଶୋର ବାବୁ । ଓଡିଆ ଲୋକ ଆମେ, ଓଡିଶା ଆମ ଦେଶ ।

ସୁପ୍ରଭା: ଆମର ୟାଙ୍କୁ ଓଡିଶାରେ ବି ଓଡିଆ ଲୋକ ଦେଖା ହେଲେ ଭାରି ଖୁସି ଲାଗେ । ବାଟରେ, ହାଟରେ, ଚା ଦୋକାନ, ପାନ ଦୋକାନରେ ଯିଏ ଦେଖାହେବ ପଚାରିବେ ଆପଣ ଓଡିଆ? ବାପ ନାଁକଣ, ମା ନାଁ, କଣ, ବଂଶ ଇତିହାସ ସବୁ ପଚାରି ବସିବେ ।

ଘନଶ୍ୟାମ: ଛାଡନ୍ତୁ ରାଜ ବାବୁ, ସୁପ୍ରଭା କଥା ଛାଡନ୍ତୁ । ଆପଣ କୁହନ୍ତୁ ଆପଣଙ୍କୁ କଣ ନଟବର ଆମ reference ଦେଲା କି? ଆପଣ କଣ ଏଠି ଚାକିରୀ-ବାକିରୀ ଛାଡି, ଘର-ଦ୍ୱାର ବିକି କାନାଡା ଯିବା ପାଇଁ ପ୍ରସ୍ତୁତ ହେଲେଣି କି?

ରାଜ: (ବିରକ୍ତ ହୋଇ) ସେ କାନାଡା ଫାନାଡା କଥା ମୁଁ ଜାଣିନି ଆଜ୍ଞା । ଗତ କାଲି officeରେ ଆପଣଙ୍କ file ମୋତେ ମୋ supervisor ଦେଲେ । Fileଟି ପଢି, fileରୁ ଠିକଣା ନେଇ ଆଜି ଆପଣଙ୍କ ଘରେ ପହଞ୍ଚିଲି ।

ଘନଶ୍ୟାମ: କାହିଁକି ଆଜ୍ଞା? ମୁଁ ତ ମୋ resume ଇତ୍ୟାଦି କାହାକୁ ଏଠି ପଠେଇ ନାହିଁ? ମୋ ନାଁରେ ପୁଣି କି file, ନାହିଁ ଆଜ୍ଞା ନାହିଁ -- ମୋର ଏଠି ଓଡିଶାରେ ଚାକିରୀ-ବାକିରୀ ଦରକାର ନାହିଁ । ମୋ ବ୍ୟବସାୟ ଭଲ ତ ମୁଁ ଭଲ ।

ସୁପ୍ରଭା: ବ୍ୟବସାୟ, ବ୍ୟବସାୟ ଗୋଟେ କଣ କହୁଛ ମ । Business କରୁଛ ବୋଲି କହୁନ?

ରାଜ: ଏକା କଥା, ଏକା କଥା business , ବ୍ୟବସାୟ ସବୁ ଏକା କଥା । ଆପଣଙ୍କ poultry farm business କେମିତି ଚାଲିଛି?

ଘନଶ୍ୟାମ: ଚାଲିନି ଆଜ୍ଞା! ଦଉଡିଛି, ଦଉଡିଛି । ଭାରି ଖୁସି ମୁଁ ମୋର କୁକୁଡା ଚାଷ ବ୍ୟବସାୟ ପାଇଁ । ଭଲ କାମ ଟିଏ ଜଗନ୍ନାଥଙ୍କ ଭରସା କରି ଆରମ୍ଭ କରିଛି । ଜଗନ୍ନାଥେ ହିଁ ମୋର ସାହା-ଭରସା ।

ରାଜ: ଉତ୍ତମ, ଅତି ଉତ୍ତମ ! ଆଛା ଆପଣଙ୍କ farmରେ କୁକୁଡା ମାନଙ୍କୁ କଣ ସବୁ ଖାଇବାକୁ ଦେଉଛନ୍ତି କହିଲେ?

ସୁପ୍ରଭା: ଇଏ କି ପ୍ରଶ୍ନ ମ? କୁକୁଡାଙ୍କୁ ଖାଇବାକୁ ନ ଦେଇ ଆମେ କଣ ମାରି ଦେଉଛୁ?

ଘନଶ୍ୟାମ: ସେମିତି ଗୋଟେ ଆଜେ-ବାଜେ କଥା କାହିଁକି କରୁଛ? (ରାଜଙ୍କୁ) ନାଇଁ ଆଜ୍ଞା କଥା କଣକି କାନାଡାରେ ୧୦ ବର୍ଷ ରହି -- ଚାକିରୀ କରି ଯାହା କିଛି ପୁଞ୍ଜି ଏକାଠି କରିଥିଲି ସବୁ ତ ଏଇଠି ମୋ ଚାଷରେ ଲଗେଇଦେଲି ।

ରାଜ: ଆହା -- foreign currency, dollar complication ମଧ୍ୟ ଏ businessରେ ଅଛି?

ଘନଶ୍ୟାମ: Complication କିଛି ନାହିଁ ଆଜ୍ଞା । ଯାହାସବୁ Canadian dollar ସେଠି Canadaରେ save କରିଥିଲୁ -- ସବୁ ଭାରତୀୟ ଟଙ୍କାରେ convert କରି -- ଭାରତୀୟ ଟଙ୍କାରେ -- ଓଡିଶାରେ ବ୍ୟବସାୟ ଆରମ୍ଭ କରିଛି ।

ରାଜ: ହଉ ସେ dollar କଥା ପରେ ବୁଝିବା । ଆଗ ମୋତେ ସଫା ସଫା କୁହନ୍ତୁ, ଆପଣଙ୍କ farmରେ ଆପଣ କୁକୁଡାଙ୍କୁ କଣ ସବୁ ଖାଇବାକୁ ଦେଉଛନ୍ତି?

ଘନଶ୍ୟାମ: କହୁଛି, ଆଜ୍ଞା କହୁଛି । ଟିକିଏ ଧୈର୍ଯ୍ୟ ଧରନ୍ତୁ ! ସକାଳେ, ସନ୍ଧ୍ୟାରେ ଆଉ ରାତିରେ -- ୩ ବେଳା ଆମେ କୁକୁଡାଙ୍କୁ କାଜୁ, କିସମିସ ଆଉ ବାଦାମ ଖାଇବାକୁ ଦେଉଛି ।

ସୁପ୍ରଭା: ସଙ୍ଗରେ ପୁଣି ପାଣି ନମିଶା ଖାଣ୍ଟି ଦୁଧ କୁକୁଡାଙ୍କୁ ପିଇବାକି ଦେଉଛୁ ।

ରାଜ: ଭଲ କଥା, ବେଶ୍ ଭଲ କଥା । ସେଇଥି ପାଇଁ ତ income tax officeରେ ଆପଣଙ୍କ file ଦିନକୁ ଦିନ ମୋଟା ହେଇ ଚାଲିଛି ।

ସୁପ୍ରଭା: ଇଏ କି କଥା? ଆମେ ତ କିଛି ବୁଝି ପାରୁନୁ?

ରାଜ: ବୁଝେଇବି, ବୁଝେଇବି, ସବୁ ବୁଝେଇବି । ଆପଣ ଦୁଇ ଜଣ କାଲି ସକାଳେ ୧୦ଟା ପୂର୍ବରୁ income tax officeରେ ଆସି ପହଁଚନ୍ତୁ ।

ଘନଶ୍ୟାମ: Income ତ ଜମାରୁ ନାହିଁ ଆଜ୍ଞା ଆମର । ପୁଣି income tax office କାହିଁକି ଯିବୁ?

ହତ୍ୟାକାରୀ ରାଜଦ୍ୱାରେ ଭୋଗିଥାଏ ଦଣ୍ଡ
ହତ୍ୟାଦୋଷେ ହଡିଆର ହୁଏନା' ଦ୍ୱିଖଣ୍ଡ ।
ହେଜ ଭାଇ ଆତ୍ମକୃତ ପାପପୁଣ୍ୟ ଲାଗି
ହେବ ନିଜେ ଦାୟୀ, ଶାସ୍ତ୍ର ନୁହେ ଫଳଭାଗୀ ।

ରାଜ: Income ନାହିଁ ନା income ଦେଖାଉ ନାହାନ୍ତି? ଆରେ ମୋତେ କଣ ବୋଲି ଭାବିଲେ କି? ଆପଣ ଡାଳେ ଡାଳେ ଗଲେ ଆମେ ପତ୍ରେ ପତ୍ରେ ଯିବା ଲୋକ । ମୁଁ ପରା ଭାରତ ସରକାରଙ୍କ income tax officer ।

ଘନଶ୍ୟାମ: ରାଗନ୍ତୁ ନାହିଁ ରାଜ ବାବୁ । ରାଗନ୍ତୁ ନାହିଁ । କଥାଟା ଆମକୁ ଟିକିଏ ଖୋଲି କରି କୁହନ୍ତୁ ।

ରାଜ: (ବିରକ୍ତ ହୋଇ ରାଗରେ) ଖୋଲି କରି ଆଉ ବନ୍ଦ କରି କଣ କହିବି? ଆରେ ବାବୁ -- ଏ ଦେଶରେ ଆମର ଲକ୍ଷ ଲକ୍ଷ ଲୋକ ବଗଡା ଭାତ ମୁଠାଏ କୁ ଡାଲି ପାଣି ଟିକିଏ ନିୟମିତ ଖାଇବାକୁ ପାଉନାହାନ୍ତି । ଆଉ ଆପଣ କଣ ନା କୁକୁଡାଙ୍କୁ ଦିନରେ ତିନି ତିନି ଥର କାଜୁ, ପେସ୍ତା, ବାଦାମ ଖୁଆଇ ଖାଣ୍ଟି ଦୁଧ ପିଆଉଛନ୍ତି?

ସୁପ୍ରଭା: ଏଇ ଛୋଟ କଥାରେ ଆପଣ ଏତେ ରାଗୁଛନ୍ତି କାହିଁକି? ଆପଣ ତ ଏ ଦେଶର ନିୟମ-କାନୁନ ଭଲ କରି ଜାଣିଛନ୍ତି । ଆପଣ କହିଲେ ଆମେ କାଲିଠୁଁ କୁକୁଡାଙ୍କୁ ବଗଡା ଭାତ-ଡାଲି ଖାଇବାକୁ ଦେବା ଆରମ୍ଭ କରିଦେବା ।

ରାଜ: ଥଟ୍ଟା କରୁଛନ୍ତି ମୋ ସାଙ୍ଗରେ । ଜାଣିଛନ୍ତି ମୁଁ କିଏ?

ଘନଶ୍ୟାମ: ଜାଣିଲୁ ପରା ଆଜ୍ଞା । ଆପଣଙ୍କ ନାଁ ରାଜକିଶୋର ସାମନ୍ତରାୟ । ଆପଣ ଭାରତ ସରକାରଙ୍କ ଜଣେ ସଚ୍ଚୋଟ income tax officer ।

ରାଜ: (ଗର୍ବରେ) ସେଇ କଥା, ସେଇ କଥା । Income, income କେତେ ଆପଣଙ୍କର? ଗୋଟେ ଜବରଦସ୍ତ କରିବାକୁ ପଡିବ କାଲି । ଆପଣ କାଲି ଆସନ୍ତୁ । Officeରେ ବସି ସବୁ ଖୋଲା-ଖୋଲି କଥାବାର୍ତ୍ତା ହେବା ।

ଘନଶ୍ୟାମ: ପୁଣି ଆପଣ ରାଗିଲେ ଆଜ୍ଞା ।

ରାଜ: ରଗା-ରଗି କଥା ନୁହେଁ । ଏ income tax rules, regulations, act କଥା । Office ଆସିଲେ ସବୁ କଥା ହେବା, asessment କରିବା । ଏ ନିଅନ୍ତୁ ଆମ office address । କାଲି ଦେଖା ହେବ । ମୁଁ ଚାଲିଲି । (ରାଗରେ ପ୍ରସ୍ଥାନ କରିଲା ବେଳକୁ)

ଘନଶ୍ୟାମ: ଆଜ୍ଞା ଶୁଣନ୍ତୁ । ଟା ସରବତ କିଛି ଟିକିଏ ପିଇକରି ତ ଯାଆନ୍ତୁ ।
[ରାଜ କିଛି ନ ଶୁଣି ବାହାରକୁ ଚାଲିଯିବେ ।]

[ରାଜର ପ୍ରସ୍ଥାନ ପରେ ଘନଶ୍ୟାମ ବାବୁ ବ୍ୟସ୍ତ ହୋଇ, ମୁଣ୍ଡରେ ହାତ ଦେଇ କହିବେ । ]

ଘନଶ୍ୟାମ: ହଇଏ ସୁପ୍ରଭା । ଏଇଲେ କରିବା କଣ? Income ତ ଜମାରୁ ଆରମ୍ଭ ହୋଇ ନାହିଁ -- କିନ୍ତୁ ଦେଖିଲା ବେଳକୁ କଣ ନା ଘରେ income tax ବାଲା ପଶିଲେଣି । ମହରଗରୁ ଆସି ମଣିଷ ଏଠିତ କାନ୍ତାରରେ ପଡିଲା । ହେ ଜଗନ୍ନାଥ ତମେ ହିଁ ସାହା ଭରସା ।

ସୁପ୍ରଭା: (ରାଗିକରି) କାହିଁକି ଗୋଟେ ମିଛରେ ଜଗନ୍ନାଥଙ୍କୁ ଡାକୁଛ? ଜଗନ୍ନାଥ ମହାପ୍ରଭୁ ତମକୁ ସ୍ୱପ୍ନରେ କହିଥିଲେ ଏଠି ଆସି poultry farm ଖୋଲିବାକୁ? ଡାକ, ଡାକ, ସେଇ ନଟବରକୁ ଡାକ । (Pause ନେଇ) ହଇଏ ତମକୁ କିଏ ଏଇ ମନ୍ତ୍ରଣା ଦେଇଥିଲା ଯେ ତମେ କହିବ କୁକୁଡାଙ୍କୁ ଆମେ କାଜୁ, କିସମିସ, ବାଦାମ ଖାଇବାକୁ ଦେଉଛୁ ବୋଲି? ନଟ ଏ ପରାମର୍ଶ ଦେଇଥିଲା ଟି?

ଘନଶ୍ୟାମ: କାହିଁକି ମୋ ନଟଟା ଉପରେ ସବୁବେଳେ ରାଗୁଛ କହିଲ? ସେ କଣ ଆମର କେବେ ମନ୍ଦ ପାଞ୍ଚିବ? ସବୁବେଳେ ତ ସାଙ୍ଗ ସାଥିଣ'କୁ କହୁଛି ଟା ଭାଇନା-ଭାଉଜ କାନାଡା ଫେରନ୍ତା ବିଦେଶୀ ଓଡିଆ । କେତେ ଗର୍ବ କରୁଛି ଆମ ପାଇଁ । ସବୁବେଳେ ମୋତେ ବୁଝାଉଛି -- ଭାଇନା, କାନାଡାରୁ ଫେରି ଏଠି coat-tie ନ ପିନ୍ଧିଲେ, କାଜୁ, ବାଦାମ, କିସମିସ କଥା ନ କହିଲେ, ନିଜ gravity maintain ନ କଲେ -- ଏଠି ଓଡିଶାରେ ଆମକୁ କେହି ପଚାରିବେ ନାହିଁ ।

ସୁପ୍ରଭା: ହଇଏ ନଟ ଯାହା କହିବ, ତମେ କଣ ସେଇଆ କହିବ? ଗଛରେ ଚଢିଯା କହିଲେ -- ଗଛରେ ଚଢିଯିବ? ନଈରେ ଡେଇଁ ପଡ କହିଲେ ନଈରେ ଡେଇଁପଡିବ?

ଘନଶ୍ୟାମ: କାହିଁ ସୁପ୍ରଭା, କାହିଁ ଗୋଟେ ମିଛରେ ଏତେ ଛାନିଆ ହେଉଛ? ନଈ ନ ଦେଖୁଣୁ ଲଙ୍ଗଳା । ଧୈର୍ଯ୍ୟ, ଟିକିଏ ଧୈର୍ଯ୍ୟ ଧର ।

ସୁପ୍ରଭା: ହଉ ମୁଁ ଧୈର୍ଯ୍ୟ ଧରି ଭିତରରେ ମୋର ଜପ-ତପ ଆରମ୍ଭ କରୁଛି । ତମେ income tax କଥା କଣ କରିବ କର ।

ଘନଶ୍ୟାମ: କରିବି ଆଉ କଣ? ଦିଅ ଫୋନ ଟା ଦିଅ । ମୁଁ ଆଗେ ନଟବରକୁ ମୋର ଫୋନ କରେ । ସିଏ କିଛି ଉପାୟ ବତେଇବ । (ସୁପ୍ରଭା ଫୋନ ଦେବ -- ଘନଶ୍ୟାମ ନଟକୁ ଫୋନ କରିବାର ଅଭିନୟ କଲାବେଳକୁ ପର୍ଦ୍ଦା ପଡିବ ।)

## ଦ୍ୱିତୀୟ ଦୃଶ୍ୟ

[ ଘନଶ୍ୟାମ ବାବୁଙ୍କ ବୈଠକ ଖାନା । ସୁପ୍ରଭା, ଘନଶ୍ୟାମ ଝଡାଝଡି ଘର ସଫା କରୁଥିବେ । କବାଟରେ ଶବ୍ଦ -- ଭାଇନା ଅଛଟି, ଭାଉଜ
ଘରେ ଅଛ । ]

**ଘନଶ୍ୟାମ:** ଆସେ, ଭିତରକୁ ଆସେ ନଟ, କବାଟ ଖୋଲା ଅଛି ।

**ନଟ:** (ପ୍ରବେଶ) ଭାଇନା । ନମସ୍କାର । କଥା କଣ? ଏତେ ଛାନିଆ ହୋଇ, ଫୋନ କରି ମୋତେ ଦିନ ଦିପହର ବେଳଟାରେ ଘରକୁ କାହିଁକି ଡକେଇଲ? କାଲି ପରା ସାରା ରାତି ତମ ଘରେ ପଶି ଗୁଲି ଖଟି କରୁଥିଲେ, ତାସ ଖେଳୁଥିଲେ । ରାତାରାତି ପୁଣି କଣ ଏମିତି emergency ପଡିଗଲା?

**ଘନଶ୍ୟାମ:** Emergency ଖାଲି ନୁହଁରେ, super-emergency । ଗୋବର୍ଦ୍ଧନ ପର୍ବତଟା ମୋରି ମୁଣ୍ଡ ଉପରେ ଖସିପଡିଲାଣି । Tension, ବହୁତ tensionରେ ନଟ ।

**ନଟ:** ଭାଇନା ଛାଡ ସେ, tension-ଫେନସନ କଥା, ସବୁବେଳେ ତମର tension । ଆଗ ମୋତେ କୁହ । ଆରେ ଭାଉଜ ତମେ କହିଲ କଣ କଥା ।

**ସୁପ୍ରଭା:** ତମକୁ ଆଉ କଣ କହିବି ନଟବର । ତମେ ତ ଆମ ଘର ଲୋକ । (ରାଗିକରି to ଘନଶ୍ୟାମ) ହଇଏ ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖୁଥିଲ ଆଉ ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଶା ଫେରିଛ । ଆଉ ପୁଣି ତମକୁ tension କାହିଁକି? କହୁନ ଖୋଲିକରି ନଟବରଙ୍କୁ ସବୁ କୁହ !

**ଘନଶ୍ୟାମ:** କହୁଛି, କହୁଛି ସୁପ୍ରଭା । ଏତେ ଅଧୈର୍ଯ୍ୟ କାହିଁକି? (to ନଟ) ବୁଝିଲୁରେ ନଟ, ବରବାଦ ହୋଇଯିବି । ଓଡିଶା ଫେରି ରାତା ରାତି କୋଟିପତି ହେବାର ସ୍ୱପ୍ନ ମୋର ସ୍ୱପ୍ନରେ ହିଁ ରହିଯିବ ରେ ନଟ !

**ନଟ:** ହତ୍ ଭାଇନା । ତମେ ଆଉ କଥା ବୁଲେଇ-ବଙ୍କେଇ କହିଲେ ଆଉ ଚଳିବନି । ଆଗ କହିଲ କଣ ହେଲା ? କଥା କଣ?

**ଘନଶ୍ୟାମ:** କହୁଛି, କହୁଛିରେ ନଟ । ତତେ ନ କହି ଆଉ କାହାକୁ କହିବି? ବୁଝିଲୁ ଆଜି ସକାଳୁ ଝଡ, ତୋଫାନ, ବର୍ଷା, ବାତ୍ୟା ମୋର ଘର ଛାତ ଉଡେଇ ନେଲେ । ମୁଁ ଏବେ କରିବି କଣ?

**ସୁପ୍ରଭା:** ଝଡ, ତୋଫାନ, ଖାଲି କାହିଁକି କହୁଛ? ସିଧା କୁହ supercyclone ଆସିଗଲା !

**ନଟ:** ଆରେ ଏ ଭାଇନା, ଭାଉଜ -- କଣ ସବୁ ଏମିତି କଥା ହେଉଛ -- ମୁଁ ତ କିଛି ବୁଝି ପାରୁନି? ଓଡିଶାକୁ ପୁଣି supercyclone ଆସୁଛି ନା କଣ? କାହିଁ ମୁଁ ତ କିଛି supercyclone ବିଷୟରେ ପଢିନି କି ଶୁଣିନି?

**ଘନଶ୍ୟାମ:** Supercyclone ଓଡିଶାକୁ ଆସୁନିରେ ନଟ । ମୋରି ଘରେ ଆଜି ସକାଳୁ ସକାଳୁ supercyclone, ଝଡ, ବତାସ ଆସି ମୋ ଘର ଛାତ ଉଡେଇ ନେଲା । ମୁଁ ବରବାଦ ହୋଇଯିବିରେ ନଟ !

**ସୁପ୍ରଭା:** କାହିଁକି ଗୋଟେ ଜିରାରୁ-ଶିରା କାଢି କଥା ହେଉଛ କହିଲ? ଶୁଣ ନଟବର, ଆଜି ସକାଳୁ ସକାଳୁ ଆମ ଘରକୁ କିଏ ଗୋଟାଏ income tax ବାଲା ଆସିଥିଲା ।

**ଘନଶ୍ୟାମ:** Income tax ବାଲା ନୁହେଁରେ ନଟ, ଭାରତ ସରକାରଙ୍କ ଜଣେ ସୁଦକ୍ଷ, ସଚ୍ଚୋଟ, ଟାଣୁଆ income tax officer ଆସିଥିଲେ । ନାଁ ତାଙ୍କର ରାଜକିଶୋର ସାମନ୍ତରାୟ ।

**ନଟ:** (ଆଶ୍ଚର୍ଯ୍ୟ ହୋଇ) ଏଁ ଭାଇନା? ଇଏ income tax ବାଲା ତମ ଘରେ କାହିଁକି ପଶିଲେ । ତମର ତ income ଜମାରୁ ନାହିଁ, ପୁଣି income tax କାହିଁକି ଦବ?

**ଘନଶ୍ୟାମ:** ସେଇ କଥା ତ କାକୁତି ମିନତି ହୋଇ ତାଙ୍କୁ କହିଲି । ସେ କିନ୍ତୁ ଶୁଣିବାକୁ ମୋଟେ ପ୍ରସ୍ତୁତ ନାହାନ୍ତି । ନାଲି ଆଖି ଦେଖେଇ, ରାଗ ଗର ଗର ହୋଇ କହିଛନ୍ତି କାଳି ସକାଳୁ ତାଙ୍କ officeରେ ଯାଇ ପହଞ୍ଚିବା ପାଇଁ ।

**ନଟ:** ଅସମ୍ଭବ ପୁରା ଅସମ୍ଭବ । ଭାଇନା, ତମେ କିଛି ଗୋଟାଏ ଏପଟ-ସେପଟ କଥା ତାଙ୍କୁ କହିଥିବ କି ବାହାଦୂରୀ ମାରିଥିବ । ସେଇଥି ପାଇଁ ସିଏ ରାଗରେ ତମକୁ ତାଙ୍କ officeକୁ ଡାକିଥିବେ ବୋଧେ !

**ସୁପ୍ରଭା:** କାନାଡା ଫେରନ୍ତା ଆମର ବଡ ବାବୁ କଣ ଖାଲି ବାହାଦୂରୀ ମାରନ୍ତି? ଟୋପି-ଟାଏ--ସୁଟ-ବୁଟ ପିନ୍ଧି, କଲର ଟେକି

ସେ income tax ବାଲା ସାଙ୍ଗରେ ନିଜ୍ଜର poultry farm, କାନାଡା-ଆମେରିକାନ୍ ଡଲାର୍ ସବୁ କଥା ଖୋଲା ଖୋଲି କହି ଚାଲିଲେ -- ସତେ ଯେପରି ସିଏ ଆଜ୍ଜର ପିଲାଦିନର ସାଥୀ ।

ନଟ: ଭାଉଜ, ଭାଇନା ଆମର କାନାଡା ଫେରନ୍ତା ବିଦେଶୀ ବାବୁ, coat, boot, suit, tie ପିନ୍ଧିବେନି ତ ଆଉ କଣ ଲୁଙ୍ଗି, ଗାମୁଛା ପିନ୍ଧି ଟହଲ ମାରିବେ । ସେ income tax ବାଲା ଆଉ କଣ କାରଣ ନେଇ ରାଗିଥିବ ନା?

ସୁପ୍ରଭା: ପୁଣି ଆଉ ଅନ୍ୟ କାରଣ ଶୁଣ ନଟବର? ସେ income tax ବାଲା ପଚାରିଲା ଆମେ କୁକୁଡାଙ୍କୁ କଣ ଖାଇବାକୁ ଦେଉଛୁ ବୋଲି?

ନଟ: ଆଉ ତମେ ଦୁଇ ଜଣ କଣ କହିଲ?

ଘନଶ୍ୟାମ: Income tax officerର ନାଲି ଆଖି ଦେଖି ଡରରେ ସିଧା ସିଧା କହିଲି କୁକୁଡାଙ୍କୁ ଆମେ ୩ ବେଳା କାଯୁ, କିସମିସ, ବାଦାମ ଖାଇବାକୁ ଦେଉଛୁ ବୋଲି ।

ସୁପ୍ରଭା: ୟାଙ୍କୁ ବିପଦରୁ ରକ୍ଷା କରିବା ପାଇଁ ମୁଁ ମଧ୍ୟ ଯୋଡିଦେଲି କାଜୁ, କିସମିସ, ବାଦାମ ସହିତ କୁକୁଡାଙ୍କୁ ଆମେ ପାଣି ନମିଶା ଖାଣ୍ଟି ଗାଈ ଦୁଧ ବି ପିଇବାକୁ ଦେଉଛୁ ବୋଲି ।

ନଟ: (ରାଗିକରି ସୁପ୍ରଭାକୁ) ଭାଉଜ ଖାଲି ଖାଣ୍ଟି ଗାଈ ଦୁଧ ବୋଲି କାହିଁକି କହିଲ? ଏକାଥରେ ତ କହି ଦେଇଥାନ୍ତ ୧୦୦% jersey ଗାଈ ଦୁଧ ବୋଲି ।

ଘନଶ୍ୟାମ: ଏ ନଟ କେମିତି ଲୋକଟା ମ ତୁ? ଗଛରେ ଆମକୁ ଚଢେଇ ଦେଇ ଚେର କାଟି ଦେଉଛୁ? ଆରେ ତୁ ପରା ମତେ ସବୁବେଳେ କହୁ ଭାଇନା କାନାଡାରୁ ଫେରିଛ -- କାଜୁ, ପେସ୍ତା, ବାଦାମ ତଳକୁ ଖସିକରି କଥା କହିବନି । ଲୁଙ୍ଗି ଧୋତି, ଗାମୁଛା ପିନ୍ଧି ବାହାରକୁ ଯିବନି । ଲୋକଙ୍କ ସହିତ ଥଟ୍ଟା ମଜା କରିବନି । ଆଉ ତୋ କଥା ମାନି ଭାଉଜ କାଜୁ, ବାଦାମ, ପେସ୍ତା ସହିତ ଖାଣ୍ଟି ଗାଈ ଦୁଧ ମିଶେଇ ଦେଲା ଯେ ମହାଭାରତ ଅଶୁଦ୍ଧି ହୋଇଗଲା?

ନଟ: ଏଇତ ପୁଣି ରାଗିଲ ଭାଇନା । ରାଗନି, ରାଗନି ଜମା ରାଗନି । ଭାଉଜ ତମେ ଜମା ବ୍ୟସ୍ତ ହୁଅନି । ଏଇଟା ଗୋଟେ ମାମୁଲୀ problem । ମୁଁ ସବୁ ଠିକ୍ କରିଦେବି । ଭାଉଜ, ଆଗ ମୋତେ କହିଲ ତମର poultry farm gate କିଏ ଖୋଲି ଦେଇଛି? ଏଇଲେ ତମ ଘରକୁ ଆସିବା ବାଟରେ ଦେଖିଲି farm gate ଖୋଲା, କୁକୁଡା ସବୁ ପଦାରେ ବୁଲି ଖାଉଛନ୍ତି ।

ସୁପ୍ରଭା: Farm gate ଆଉ ଖୋଲିବ କିଏ? Income tax ବାଲା ଘରୁ ଆମର ଗୋଡ କାଢିଛି କି ନାହିଁ, ଭାଇନା ତମତ ରାଗରେ ତମତମ ହୋଇ ସିଧା ଦୌଡିଲେ farmକୁ । ମୁଣ୍ଡରେ ପୁଣି କି ନୂଆ ବୁଦ୍ଧି ପଶିଲା କେଜାଣି gate ଖୋଲି ଦୁର୍ ଦୁର୍ କହି ସବୁ କୁକୁଡାଙ୍କୁ ପଦାକୁ ବାହାର କରିଦେଲେ ।

ଘନଶ୍ୟାମ: ଏ ନଟ ଛାଡ୍ ତୋ ଭାଉଜ କଥା, ଜିରାରୁ ଶିରା କାଢୁଛି । ତୁ ଆଗ ମୋତେ ଏ income tax ଝାମଲାରୁ ବଞ୍ଚା ବାପା, ନହେଲେ ମୁଁ ବରବାଦ୍, ହୋଇଯିବି ।

ନଟ: (କଲର ଟେକି ଗର୍ବରେ) ଆରେ ଏ ଭାଇନା ତମେ ତମର ନଟକୁ କଣ ବୋଲି ଭାବିଲ କି? ଏ ସହରରେ ୨-୨ଟା ସିନେମା ହଲ, ୩-୩ଟା hotel, ୪-୪ଟା transport company ମୋ ନାଁରେ ଚାଲିଛି । Collector, SP, home minister ସବୁ ମୋ ପକେଟ ଭିତରେ । ଆଉ ଏ ତୁଚ୍ଛା କିରାନୀଟା ଆମ ଘରେ ଆସି ଆମକୁ ନାଲି ଆଖି ଦେଖେଇଦେବ?

ଘନଶ୍ୟାମ: ସେମିତି କିରାନୀ, କିରାନୀ ମୋଟେ କହନାରେ, ସେ ଜଣେ ସଚ୍ଚୋଟ income tax officer, ନାଁ ତାଙ୍କର ରାଜକିଶୋର ସାମନ୍ତରାୟ ।

ନଟ: ଛାଡ ମ ଭାଇନା । ଏଇମିତି ଗଣ୍ଡା-ଗଣ୍ଡା income tax officer ମୋ ଡାହାଣ ପଟେ, ବାଁ ପଟେ ବୁଲୁଛନ୍ତି । ମୋ ଘରେ ଆସି ହାଜିରା ପକାଉଛନ୍ତି । ମୋର direct contact – income tax କମିଶନର ସାଙ୍ଗେ । ତମେ କାହିଁକି ବ୍ୟସ୍ତହେଉଛ?
[ଏହି ସମୟରେ କବାଟରେ ଶବ୍ଦ । ମୁଁ ଭିତରକୁ ଆସିପାରେ?]

ଘନଶ୍ୟାମ: ଆସନ୍ତୁ ଆଜ୍ଞା, ଭିତରକୁ ଆସନ୍ତୁ । କବାଟ ଖୋଲାଅଛି ।

[ପୋଲିସ ବେଶ ରେ ସମୀରରର ପ୍ରବେଶ । ସମସ୍ତେ ପୋଲିସକୁ ଦେଖି ଡରରେ ନମସ୍କାର, ନମସ୍କାର କହିବେ ।]

ପୋଲିସ: (ସମସ୍ତଙ୍କୁ ଦେଖି) ଆପଣଙ୍କ ଭିତରେ ଘନଶ୍ୟାମ ଦାଶ କିଏ?

ନଟ: ମୁଁ ନୁହେଁ ଆଜ୍ଞା, ମୁଁ ନୁହେଁ । ଏ ଆମର କାନାଡା ଫେରନ୍ତା ବିଦେଶୀ ବାବୁ ଘନଶ୍ୟାମ ଦାଶ ।

ପୋଲିସ: ଆଚ୍ଛା ଆପଣ ତାହେଲେ ଘନଶ୍ୟାମ । ଥାନା ଆଡେ ତ କେବେ ଆସି ନାହାନ୍ତି ଜଣା ପଡୁଛି?

ଘନଶ୍ୟାମ: ପୋଲିସ ଥାନାରେ ମୋର କି କାମ ଆଜ୍ଞା? ମୁଁ ଚୋରୀ କରିଛି ନା ମଣିଷ ମାରିଛି ଯେ ଥାନାକୁ ଯିବି?

ନଟ: ଛାଡନ୍ତୁ ପୋଲିସ ବାବୁ ସେ ଘନଶ୍ୟାମ ବାବୁ ଆମର ଥଟ୍ଟା, ମଜାଳିଆ ଲୋକ । ତାଙ୍କ କଥା ଧରନ୍ତୁ ନାହିଁ । ସିଏ କାହିଁକି ଚୋରୀ କରିବେ ନା ମଣିଷ ମାରିବେ?

ପୋଲିସ: (ରାଗରେ ଟେବୁଲ ଉପରେ ବାଡି ବାଡେଇ) ଆରେ ବାବୁ ତମକୁ ମୁଁ କିଛି ପଚାରିଲି? ଉପରେ ପଡି ଟାଉଟରୀ କଣ ମାରୁଛ? ଚୁପ୍‌ଚାପ୍ ଠିଆ ହୁଅ ।

ସୁପ୍ରଭା: (ବୁଝେଇବା ଭାଷାରେ) ରାଗନ୍ତୁ ନାହିଁ ପୋଲିସ ବାବୁ । କାହିଁକି ରାଗୁଛନ୍ତି । ମୋ ନାମ ସୁପ୍ରଭା ଦାଶ । ମୁଁ ୟାଙ୍କ ଧର୍ମପତ୍ନୀ । ଆଉ ଆପଣଙ୍କ ନାଁଟା କଣ?

ପୋଲିସ: ଆପଣ କଣ ମୋ ନାଁ, ମୋ ବାପା ନାଁ, ଅଜା, ପଣଜା, ଘର, ବଂଶ, ଇତିହାସ ଜେରା କରି ବସିଲେଣି? ଦେଖି ପାରୁ ନାହାନ୍ତି-- ମୁଁ ଓଡିଶା ପୋଲିସ ।

ସୁପ୍ରଭା: ପୁଣି ଆପଣ ରାଗି ଯାଉଛନ୍ତି? ହଉ ହଉ କୁହନ୍ତୁ ଆମ ଘରେ ଆଜି ଆପଣଙ୍କ ପାଦ କେମିତି ପଡିଲା?

ପୋଲିସ: ମୋ ପାଦ ପଡିନି ! ଓଡିଶା ପୋଲିସ ସ୍ୱୟଂ ବିଜେ କରିଛନ୍ତି ଆପଣଙ୍କ ଘରେ ।

ଘନଶ୍ୟାମ: ଆପଣଙ୍କ ଚାଲି-ଚଳନ, କଥା-ବାର୍ତ୍ତା, ବେଶଭୂଷା ଦେଖି ତ ଆମେ ଜାଣିଗଲୁ ଆପଣ ଓଡିଶା ପୋଲିସ, ହେଲେ ଆପଣଙ୍କ ନାଁଟା କଣ?

ପୋଲିସ: ମା ନାମ ସମୀର ଦାଶ ।

ନଟ: ଭଲ କଥା ଭଲକଥା -- ହେଲେ କୋଉ ଦାଶ ଆପଣ? ଦନ୍ତେ ସ ଦାସ ନାଁ ତାଲବେଶ ଦାଶ?

ପୋଲିସ: ତାଲବେଶ ଦାଶ ।

ନଟ: ଆରେ ବାଃ ଇଏ ତ ଆହୁରି ବଢିଆ କଥା । ଆପଣ ତାହାଲେ ଆମ ଜାତି-ଭାଇ ଲୋକ । ଆଜ୍ଞା ମୋ ନା ହେଲା ନଟବର ଦାଶ with ତାଲବେ ଶ । ଆଉ ଇଏ ହେଲେ ଘନଶ୍ୟାମ ଦାଶ with ତାଲବେ ଶ । ଇଏ ସୁପ୍ରଭା ଦାଶ ମଧ୍ୟ with ତାଲବେ ଶ । ଆଜ୍ଞା ଆମେ ସବୁ ଗୋଟିଏ ଜାତିର ଲୋକ ।

ପୋଲିସ: ଏ ବାବୁ? ପୁଣି ତମେ ଉପରେ ପଡି କଥା ହେଉଛ? ଓଡିଶା ପୋଲିସର ଜାତି-ଫାତି କିଛି ନଥାଏ ଆମେ ହେଲୁ ଓଡିଶାର ଆଇନ, ଶୃଙ୍ଖଳା ରକ୍ଷକ । ଏବେ ଆଉ ବେଶୀ ବକ୍‌ବକ୍ ହେଲେ ଦଫା ୪୨୦ରେ ସିଧା ଭିତରକୁ କରିଦେବି ।

ଘନଶ୍ୟାମ: ପୁଣି ଆପଣ ରାଗିଗଲେ ପୋଲିସ ବାବୁ । ରାଗନ୍ତୁନି, ଜମା ରାଗନ୍ତୁ ନାହିଁ । ଆମେ ତ ଓଡିଶାର ନିତି, ନିୟମ, ଆଇନ, ଶୃଙ୍ଖଳା କିଛି ଭାଙ୍ଗିନୁ -- କୁହନ୍ତୁ ଆମ ଘରେ ଆପଣଙ୍କ ପାଦ କେମିତି ପଡିଲା?

ସୁପ୍ରଭା: ୟେ ଆମର କଣ କହିବାକୁ ଚାହୁଁଛନ୍ତି କି ପୋଲିସ ବାବୁ ଯେ ଆମର ଆଜି ମହାଭାଗ୍ୟ । ଆପଣଙ୍କ ପାଦ ଆଜି ଆମ ଘରେ ପଡିଲା । କିନ୍ତୁ କାରଣଟା ତ କୁହନ୍ତୁ?

ପୋଲିସ: କହୁଛି, କହୁଛି, ସବୁ କାରଣ କହୁଛି । କିନ୍ତୁ ଘନଶ୍ୟାମ ବାବୁ ଆଗ ଆପଣ କୁହନ୍ତୁ ଏ poultry farm ଖୋଲିବା ଆପଣଙ୍କର କେତେ ଦିନ ହୋଇଗଲା?

ଘନଶ୍ୟାମ: ଜମାରୁ ମାସଟିଏ ହୋଇଛି ପୋଲିସ ବାବୁ । ବଡ କଷ୍ଟେ ମଷ୍ଟେ ମୁଁ ଏ କୁକୁଡା ଚାଷ କାମଟି ଏଠି ଆସି ଆରମ୍ଭ କରିଛି ।

ନଟ: ଆପଣଙ୍କ ଆଶୀର୍ବାଦରୁ ଘନଶ୍ୟାମ ବାବୁ ତାଙ୍କ poultry farm କାମର ଶୁଭାରମ୍ଭ ଏ ମାସେ ହେଲା କରିଛନ୍ତି ।

ସୁପ୍ରଭା: ହଁ ଆଜ୍ଞା ପୋଲିସ ବାବୁ । ଆପଣଙ୍କ ଛତ୍ରଛାୟା ତଳେ ରହି ମାସେ ହେଲା ଆମେ ଏ businessଟା ଆରମ୍ଭ କରିଛୁ ।

ପୋଲିସ: ସେ ଆଶୀର୍ବାଦ, ଛତ୍ରଛାୟା, ଦୟା, ମମତା, ଆଲତୁ-ଫାଲତୁ କଥା ଓଡିଶା policeକୁ କୁହନ୍ତୁ ନାହିଁ । ଆରେ ବାବୁ ମାସଟିଏ ହୋଇଗଲାଣି -- ଆମ ଇଲାକାରେ ନୂଆ business ଟିଏ ଆରମ୍ଭ କରିଛ-- ହେଲେ ଆମ ଆଡେ ଟିକିଏ କେବେ ଆସିନ?

ନଟ: ଆଜ୍ଞା ଆସିବୁ ଆସିବୁ ବୋଲି ତ ସବୁବେଳେ ଭାବୁଛୁ । କିନ୍ତୁ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ଲୋକ ମୁଁ, ସମୟର ଖୁବ ଅଭାବ । Busy ଲୋକ ଆଜ୍ଞା, ମୁଁ ଆସି ପାରୁନି ।

ପୋଲିସ: ହଇଏ ବାବୁ ପୁଣି ଉପରେ ପଡି ଟାଉଟରୀ ମାରୁଛ? ତମକୁ କିଏ ଡାକୁଛି? ମୁଁ ତ ଘନଶ୍ୟାମ ବାବୁଙ୍କ ସଙ୍ଗେ କଥା ହେଉଛି ।

ଘନଶ୍ୟାମ: ଛାଡନ୍ତୁ ପୋଲିସ ବାବୁ । ନଟ କଥା ଧରନ୍ତୁ ନାହିଁ । ସିଏତ ସବୁବେଳେ ଉପରେ ପଡି କଥା ହୁଏ । ଆପଣ କୁହନ୍ତୁ ମୋତେ ଥାନା ଆଡେ କାହିଁକି ଡାକୁଛନ୍ତି?

ପୋଲିସ: ବୁଝିଲେ ଘନଶ୍ୟାମ ବାବୁ, ବହୁତ complain ଆସୁଛି ସବୁ ଆପଣଙ୍କ poultry farm ନାଁରେ । ଥାନାକୁ ଆସିଲେ ବସି କରି ସବୁ ଖୋଲାଖୋଲି କଥା ହେବା ।

ସୁପ୍ରଭା: ଆଜ୍ଞା ଆମର ଇଏ ତ ବହୁତ ସରଳ, ଅମାୟିକ ଭଦ୍ରଲୋକ । ମାଛିକୁ ମ ବୋଲି କହନ୍ତି ନାହିଁ । ପୁଣି ୟାଙ୍କ poultry farm ନାଁରେ କିଏ କାହିଁକି complain କରିବ?

ପୋଲିସ: କଣ ମୁଁ ମିଛ କହୁଛି? ଓଡିଶା ପୋଲିସ କେବେ କାହାକୁ ମିଛ କୁହେ?

ଘନଶ୍ୟାମ: ସେ ସତ ମିଛରୁ ଆମକୁ କ'ଣ ମିଳିବ ଆଜ୍ଞା? ଆପଣ କୁହନ୍ତି କିଏ complain କରୁଛି?

ପୋଲିସ: କହିଲି ପରା complain ବହୁତ complain । ଏ municipality ବାଲାଙ୍କଠାରୁ ଆରମ୍ଭ କରି ଆପଣଙ୍କ ପଡିଶା ଲୋକ, ସାହି ବାସିନ୍ଦା, ସାରା ସହର ଲୋକ complain କରୁଛନ୍ତି।

ନଟ: (ନ ବୁଝିବା ଭଳିଆ) ଏଁ ଇଏ ତ ନୂଆ କଥା ! Income tax ବାଲାଙ୍କ ସହିତ ଏ municipality ବାଲା ବି ଭାଇନାଙ୍କ ପଛରେ ପଡିଗଲେଣି? ଭାଇନା ମୋତେ ତ ଏ କଥା କେବେ କହିନ?

ଘନଶ୍ୟାମ: ଚୁପକର ନଟବର, ଚୁପକର । ପୋଲିସ ବାବୁ ରାଗିବେ । ଆଜ୍ଞା ଆପଣ ଟିକିଏ ତ ଆଭାସ ଦିଅନ୍ତି ଏ municipality ବାଲା ମୋ କୁକୁଡା ଚାଷ ପଛରେ କାହିଁକି ପଡିଗଲେଣି?

ପୋଲିସ: ଆଗ ଆପଣ ମୋତେ କୁହନ୍ତୁ ଏ କୁକୁଡା ମାନଙ୍କୁ ଆପଣ କେମିତି ଲାଳନ-ପାଳନ କରୁଛନ୍ତି?

ସୁପ୍ରଭା: ମଲା ମୋର । ଏ କୁକୁଡା ଗୁଡାକ କଣ ଆମର ପୁଅ-ଝିଅ ହୋଇଛନ୍ତି ଯେ ତାଙ୍କୁ ଲାଳନ-ପାଳନ କରିବୁ ।

ଘନଶ୍ୟାମ: ସୁପ୍ରଭା କେତେଥର ଆଉ ବୁଝେଇବି ଓଡିଶା ପୋଲିସ ସାଙ୍ଗରେ ଆଲ୍‌ତୁ, ଫାଲ୍‌ତୁ କଥା କୁହନି । Argue କରନି । ପୋଲିସ ବାବୁ ବୋଧେ ଜାଣିବାକୁ ଚାହୁଁଚନ୍ତି ଆମେ କୁକୁଡା ମାନଙ୍କର କେମିତି ଯତ୍ନ ନେଉଛୁ । ନାଇଁ କି ପୋଲିସ ବାବୁ ।

ପୋଲିସ: ହଁ ହଁ ସେଇ କଥା ! ମୋତେ କୁହନ୍ତୁ କୁକୁଡା ମାନଙ୍କ management କେମିତି ଚାଲିଛି?

ନଟ: କୁକୁଡା ଚାଷରେ ପୁଣି management କଥା କାହିଁକି ପଶିଲା ଆଜ୍ଞା?

ପୋଲିସ: ସିଧା ଭାଷାରେ କହିଲେ ବୁଝୁନ କି ବାବୁ? (ବାଡି ଟେବୁଲରେ ବାଡେଇ) ଟେଢା ଭାଷାରେ କହିବି?



ପରାଶର ମିଶ୍ର, ସନ୍ଧ୍ୟା ପୁରୋହିତ, ଓ ଅଶୋକ ମହନ୍ତ (ପୋଲିସ) ଏକ ଦୃଶ୍ୟରେ

ଘନଶ୍ୟାମ: ନାଇଁ ନାଇଁ ଆଜ୍ଞା ଆପଣ ପୁଣି ରାଗନ୍ତୁ ନାହିଁ । ଧୈର୍ଯ୍ୟ ଧରନ୍ତୁ । ସବୁ କଥା ଖୋଲି କରି କହୁଛି । ଆପଣ ତ ଜାଣିଛନ୍ତି ମୁଁ ମାସେ ହେଲା ଏଠି ଦୁଃଖ-କଷ୍ଟରେ ପଡିଛି? ପିଲା ଦିଟା ମୋର କାନାଡାରେ ଏକା ଏକା । ସୁପ୍ରଭାକୁ ଧରି ବହୁତ ଦୁଃଖ-କଷ୍ଟରେ ମୋ କୁକୁଡା ଚାଷ management ଏଠି ଚଳେଇଛି ଆଜ୍ଞା ।

ନଟ: ଭାଇନା ମୋ ନାଁ ବି କହୁନ? ପୋଲିସ ବାବୁ ମୁଁ ବି କୁକୁଡା ଚାଷ managementରେ ଭାଇନା-ଭାଉଜଙ୍କର full partner ।

ପୋଲିସ: (ରାଗରେ ବାଡି ବାଡେଇ) ଆରେ ଏ ଗୁଡାଙ୍କୁ ସବୁ ଆଲ କହିଲେ କାଲ ଶୁଭୁଛି । ସମସ୍ତଙ୍କୁ ବାନ୍ଧିକରି ଥାନାରେ ଗୋଟିଏ

ରାତି ରଖିଦେଲେ -- ବୋପାକୁ ମଉସା ଡାକି ସବୁ ସତ କଥା ଆପେ ଆପେ କହିବେ ।

ସୁପ୍ରଭା: ପୋଲିସ ବାବୁ ରାଗନ୍ତୁ ନାହିଁ, ଜମା ରାଗନ୍ତୁ ନାହିଁ । ଆମେ ସବୁ ସରଳିଆ ଲୋକ, ସରଳ ଭାଷା ବୁଝୁ, ଆପଣ ସରଳିଆ, ସହଜିଆ ପ୍ରଶ୍ନଟା ସିନା ପଚାରିଲେ ଆମେ ଉତ୍ତର ଦିଅନ୍ତୁ ।

ପୋଲିସ: ସିଧା ସିଧା ପଚାରୁଛି କୁକୁଡାମାନଙ୍କୁ କଣ ସବୁ ଖାଇବାକୁ, ପିଇବାକୁ ଦେଉଛନ୍ତି? Manage କେମିତି କରୁଛନ୍ତି?

ଘନଶ୍ୟାମ: ଏଇ ପ୍ରଶ୍ନ ପଚାରୁନାହାନ୍ତି । ମୁଁ ତ କେବେଠୁ ଉତ୍ତର କରି ସାରନ୍ତିଣି । ଆପଣତ ଜାଣନ୍ତି ପୋଲିସ ବାବୁ ଆମ ଏ ଦେଶରେ ଲୋକେ ବଗଡା ଭାତ ମୁଠାଏକୁ ଡାଲି ପାଣିଟିକିଏ ଖାଇବାକୁ ପାଉନାହାନ୍ତି । ଆଉ ଆମେ କୁକୁଡାଙ୍କୁ କଣ ଖାଇବାକୁ ଦେବୁ? ପ୍ରତିଦିନ ସକାଳ ପାହାନ୍ତାରୁ ମୁଁ ନିଜେ ଯାଇ farm gate ଖୋଲି ଦେଉଛି । କୁକୁଡାମାନେ ସ୍ୱଇଚ୍ଛାରେ ସାରା ଦିନ ବାହାରେ ବୁଲା ବୁଲି କରି ଯାହା ମିଳୁଛି ଖାଉଛନ୍ତି ଆଉ ସନ୍ଧ୍ୟାବେଳେକୁ farmକୁ ଫେରି ଆସୁଛନ୍ତି ।

ପୋଲିସ: କଥା ତାହାହେଲେ ବଡ ସାଙ୍ଘାତିକ । ଓଡିଶା ପୋଲିସକୁ serious complaint ସବୁ ଆସୁଛି । Serious matter, serious matter ।

ସୁପ୍ରଭା: ଇଏ କି serious matterମ? କୁକୁଡା ସବୁ ତାଙ୍କ ବାଟରେ ଯାଇ ତାଙ୍କ ବାଟରେ ଖାଇ ଫେରୁଛନ୍ତି । ଏଥିରେ କାହା କଣ ଯାଉଛି, ନା କାହା ଘର ପୋଡି ଯାଉଛି ଯେ complain କରିବ?

ଘନଶ୍ୟାମ: ସେଇ କଥା ତ ମୁଁ ବୁଝି ପାରୁନି ପୋଲିସବାବୁ । ଆମେ ତ କୁକୁଡାଙ୍କୁ କାଜୁ, କିସମିସ, ପେସ୍ତା ବାଦାମ ଖାଇବାକୁ ଦେଉନୁ କି ଦୁଧ ପିଆଉନୁ ପୁଣି କିଏ କାହିଁକି complain କରିବ?

ପୋଲିସ: Complain ମାନେ serious complaint । ଆପଣଙ୍କ କୁକୁଡା ସବୁ ସହରର ରାସ୍ତା, ଘାଟ, ଲୋକଙ୍କ ବାଡି, ବଗିଚାରେ ପଶି ଖାଇ-ପିଇ ଝାଡା ଫେରି ଅସନା କରୁଛନ୍ତି । ତାକୁ ସଫା କରିବ କିଏ? ପୁଣି କାଲି ରାତିରେ ଆମ S.P. ସାହେବ କହୁଥିଲେ ବାରବୁଲା କୁକୁଡାଙ୍କ ପାଇଁ SARS, ସାର୍ସ ରୋଗ ଜନତାକୁ ବ୍ୟାପୁଛି ବୋଲି । Serious matter, serious complaint ।

ନଟ: ଏଁ ଇଏ ପୁଣି ସାର, ଖତ, SARS, ସାର୍ସ କି ନୂଆ କଥା ଭାଇନା? ମୋତେ ତ କିଛି କହିନ? ପୋଲିସ ବାବୁ ଆପଣ ତ ଟିକିଏ ଆଭାସ ଦିଅନ୍ତି?

ପୋଲିସ: ହଇଏ ବାବୁ ତମେ ପୁଣି ଉପରେ ପଡି କଥା କହୁଛ? ଓଡିଶା policeକୁ ପ୍ରଶ୍ନ ପଚାରୁଛ? ଜଣା ପଡୁଛି ମାମୁଁ ଘର ଆଡେ ବହୁତ ଦିନ ହେଲା ଯାଇନ? ତମ କଥା ପରେ ବୁଝିବା । ଆଗ ଇଏ ଘନଶ୍ୟାମ ବାବୁଙ୍କୁ ଭଲରେ ଭଲରେ ବୁଝେଇଦିଅ କାଲି ସକାଳ ନଅଟା ସୁଦ୍ଧା ଥାନାରେ ଆସି ହାଜିରା ଦିଅନ୍ତୁ ।

ନଟ: ଥାନା କଥା ପରେ ଆଜ୍ଞା ! ମୁଁ ଆଗ ଭାଇନାଙ୍କୁ ଆଜି ରାତିରେ ଆପଣଙ୍କ ଘରକୁ ପଠାଇଦେବି । ସାଙ୍ଗରେ ସିଏ ତାଙ୍କ poultry farmରୁ ଗୋଟିଏ ଦଜନ ଭଲ ଦେଶୀ କୁକୁଡା ଆପଣଙ୍କ ପାଇଁ ନେଇ ଆସିବେ । ଆପଣ ରାଗନ୍ତୁ ନାହିଁ, ଜମା ରାଗନ୍ତୁ ନାହିଁ । ମୁଁ ଭାଇନାଙ୍କୁ ଆପଣଙ୍କ ଘରକୁ ରାତାରାତି ପଠେଇଦେବି ।

ପୋଲିସ: ହଉ ହଉ ମୁଁ ଚାଲିଲି । ଓଡିଶା ପୋଲିସର ସେପଟେ ବହୁତ କାମ ବାକି ପଡିଛି । ମୁଁ ଯାଏଁ । ଏ କାନାଡା ବାବୁ, ଭଲରେ ଭଲରେ ଥାନାରେ କାଲି ସକାଳେ ପହଞ୍ଚିଯିବେ । ଆଚ୍ଛା ମୁଁ ଚାଲିଲି ।

[Police ଯିବାପରେ]

ସୁପ୍ରଭା: ତମେ ତ ଠିକ କହୁଥିଲ ହେ । ଏଥର ସତକୁ ସତ super-cyclone ଆସିଗଲା ଆମଘରକୁ ।

ଘନଶ୍ୟାମ: ଘର ଦ୍ୱାର ଆମର ଉଡିଗଲା ହେ ସୁପ୍ରଭା । ଚାଲଚାଲ ବାକ୍ସ ପତ୍ର ଧରି ରାତାରାତି କାନାଡା ଫେରିଯିବା ।

ସୁପ୍ରଭା: ତମ ତେଣାରେ କଣ ପର ଲାଗିଗଲାଣି କିହୋ? ରାତାରାତି କାନାଡା ଉଡି ପଳେଇବ? ତମେ ପରା ଓଡିଆ ବୀର, ଓଡିଆ ପୁଅ, ଓଡିଆ business man ।

ଘନଶ୍ୟାମ: କଟା ଘାରେ ଚୂନ ଲଗାଅନି ସୁପ୍ରଭା । ମୋତେ ଆଉ ରଗାଅନି କହୁଛି ।

ନଟ: ଆରେ ଆରେ କାହିଁକି ତୁମେ ଦୁଇ ଜଣ ସ୍ୱାମୀ-ସ୍ତ୍ରୀ ଛୋଟ ଛୋଟ କଥାରେ ଏମିତି ଛାନିଆ ହେଉଛ? ନଟବର ଦାଶ ପରା ତମ ଆଗରେ ଠିଆ ହୋଇଛି?

ଘନଶ୍ୟାମ: ଉଦ୍ଧାର କର ବାବା ନଟବର ଏ ବିପଦରୁ ଆମକୁ ଉଦ୍ଧାର କର । ଆରେ ମୋରି ଘରେ ପୁଣି income tax officer,

ଓଡିଶା police, municipality ବାଲା ପଶିଲେ? କଣ କରିବି ମୁଁ?

ନଟ: ବ୍ୟସ୍ତ ହୁଅନି ଭାଇନା, ଜମା ବ୍ୟସ୍ତ ହୁଅନି । ମୁଁ ସେ police S.P. ସାଙ୍ଗଟାକୁ ଫୋନ ଲଗାଏ ।

ସୁପ୍ରଭା: S.P. ମାନେ superintendent of police?

ନଟ: ହଁ ହଁ head of Orissa police। ତାର ଜଣେ ଲଙ୍ଗୁଟିଆ ଦୋସ୍ତ ମୋର ଜିଗରୀ ଦୋସ୍ତ -- ମୋର ଜଣାଶୁଣା । ସବୁ problem ସିଏ solve କରିଦେବ । ଆରେ ଆମକୁ କଣ ବୋଲି ଭାବିଲେ କି? ଏ ଥାନା ହାବିଲଦାର, ମୁନିସିପାଲଟି ମେହନ୍ତର, income tax କିରାନୀ ସବୁ ଆମକୁ ନାଲି ଆଖି ଦେଖେଇଦେବେ?

ଘନଶ୍ୟାମ: ଏ ବାବା ନଟଖଟିଆ ନଟବର । ତୁ ଆଉ ବାବା ନୂଆ ନାଟ ଲଗାନା । ତୁ ସେମିତି ହାବିଲଦାର, ମେହନ୍ତର, କିରାନୀ, ଫିରାନୀ ସେମାନଙ୍କୁ କହନା । ସେମାନେ ଫିଙ୍କି ଗଲେ ମୋ କୁକୁଡା ଚାଷ finish, ମୁଁ finish । ଓଡିଶା ଆସି ରାତାରାତି କୋଟିପତି ହେବାର ସ୍ୱପ୍ନ ମୋର ସ୍ୱପ୍ନରେ ରହିଯିବ ।

ସୁପ୍ରଭା: କାହିଁ ଗୋଟେ କଥାକୁ ବଢେଇ-ଚଢେଇ କହୁଛ? ନଟବରଙ୍କ ଆମର income tax comissionerଠୁଁ ଆରମ୍ଭ କରି, superintendent of police, ମନ୍ତ୍ରୀ, M.L.A., contractor ସବୁ ଚିହ୍ନାଜଣା । ସେ ଆମ ସମସ୍ୟାର ସମାଧାନ କରିଦେବେନି ।

ନଟ: ଠିକ୍ କଥା ଠିକଣା ସମୟରେ କହିଲ ଭାଉଜ । ଭାଇନାଙ୍କୁ କୁହ ମୋଟେ ବ୍ୟସ୍ତ ହେବେ ନାହିଁ । ମୁଁ ଯାଏଁ ଘରେ ଠିକଣା ଖାତାରୁ ଫୋନ ନମ୍ବର ବାହାର କରି ସମସ୍ତଙ୍କୁ ଫୋନ ଲଗାଏ । ଆରେ ମୋ ନା ବି ନଟବର ଦାଶ । ଏଗୁଡା ଆମକୁ କଣ ବୋଲି ପାଇଲେ କିରେ? ମୁଁ ଆସୁଛି ଭାଇନା - ସବୁ ଆଜି problem fix କରି ରାତିରେ ଫୋନ କରିବି । ବ୍ୟସ୍ତ ହେବନାହିଁ, ମୁଁ ଚାଲିଲି ଭାଉଜ ।

## ତୃତୀୟ ଦୃଶ୍ୟ

[ ଘନଶ୍ୟାମ ବାବୁଙ୍କ ବୈଠକ ଖାନା । ଘନଶ୍ୟାମ ବାବୁ ମୁଣ୍ଡରେ ହାତ ଦେଇ ଦୁଃଖରେ ବସିଛନ୍ତି । ସୁପ୍ରଭାର ଚା କପ୍ ଧରି ପ୍ରବେଶ ।]

ସୁପ୍ରଭା: ହଇଏ ଶୁଣୁଛ? ସପ୍ତାହେ ହୋଇଗଲାଣି -- ଖିଆ ନାହିଁ, ପିଆ ନାହିଁ, ମୁଣ୍ଡରେ ହାତ ଦେଇ ଏମିତି ବସିଛ? ଏଇମିତି ମନ ଦୁଃଖରେ depressed ହୋଇ ତୁମେ ବସି ରହିଲେ ମୁଁ କଣ କରିବି କହିଲ । ନିଅ, ତୁମ ପସନ୍ଦର ଅଦା ଛେଚା ଚାହା ଗରମଗରମ ତମ ପାଇଁ ଆଣିଛି -- ନେଇ ଆଗ ଚା ପିଇଲ ।

ଘନଶ୍ୟାମ: ଅଦା ଛେଚା, ଲେମ୍ବୁ ଛେଚା ଚା ଆଉ କଣ ପିଇବି ହେ ସୁପ୍ରଭା? ମୋର ହୃଦୟଟାକୁ, କଲମଟାକୁ ସମସ୍ତେ ଏଠି ଛେଚିବା ଆରମ୍ଭକରିଦେଲେଣି । ମୁଁ କଣ କରିବି କିଛି ଠିକ କରିପାରୁନି ।

ସୁପ୍ରଭା: କାହିଁକି ଏତେ ବ୍ୟସ୍ତ ହେଉଛ କହିଲ । ଆମେ ଯେତେବେଳେ ଭାଙ୍ଗିପଡୁ ତମେ ପରା ମୋତେ, ଆମ ପୁଅ-ଝିଅଙ୍କୁ ସବୁବେଳେ କୁହ ଧୈର୍ଯ୍ୟ ଧର, ଧୈର୍ଯ୍ୟ ଧର ସର୍ବ ଶକ୍ତିମାନ୍ । ଆଉ ତମେ ଏମିତି ହେଲେ ଚଳିବ ନା?

ଘନଶ୍ୟାମ: ସେ ଧୈର୍ଯ୍ୟ-ଅଧୈର୍ଯ୍ୟର କଥା କାହିଁକି ଏବେ ଉଠେଉଛ ସୁପ୍ରଭା? କଟା ଘାରେ ଚୂନ ଦେଲା ଭଳି ଲାଗୁଛି । ହଇଏ ତମେ ମୋତେ କେତେ ମନା କଲ, ପୁଅ-ଝିଅ ଅଭିମାନ କରି, ସ୍ନେହବୋଳା କଥାରେ କେତେ ବୁଝାଇଲେ -- ଯାଅନିବାପା, ଯାଅନି, କାନାଡା ଛାଡି ଓଡିଶା ଜମା ଯାଅନି । ମୋ ମୁଣ୍ଡରେ କି ଦୁର୍ବୁଦ୍ଧି ପଶିଲା କେଜାଣି ଯେ -- ପିଲାଦିଟାଙ୍କୁ ସେଠି ଛାଡି, ତମକୁ ସାଙ୍ଗରେ ଟାଣି ଏଠିକୁ ଆସିଗଲି?

ସୁପ୍ରଭା: ଖାଲି କଣ ଆସିଲ? କାନାଡାରେ ଚାକିରୀ ଛାଡି, ଘର ବିକି, ପିଲା ଦିଟାଙ୍କୁ hostelରେ ରଖି, ମୋ କଥା ନ ମାନି ଓଡିଶା ଆସିଲ କୁକୁଡା ଚାଷ କରିବା ପାଇଁ ।

ଘନଶ୍ୟାମ: (ବିରକ୍ତ ହୋଇ) ଏ ସୁପ୍ରଭା -- ସେ ଚାଷ-ଫାଷ କଥା ଏବେ ଆଉ ଉଠାଅନି କହୁଛି । ରାଗ ଆହୁରି ବଢିବ । ହଇଏ ମୋ କଥା ମାନ -- ଏ farmକୁ ରାତାରାତି ବିକ୍ରି କରିଯାହା କିଛି ଅଧେ ବହୁତେ ମିଳିବ -- ସେଥିରେ ଆମ savings ମିଶାଇ -- ଟିକେଟ କରି ଚାଲପୁଣି କାନାଡା ଫେରିଯିବା ।

ସୁପ୍ରଭା: ହଇଏ ଇଏ କଣ ଖେଳ ଘର ହୋଇଛି? ଆଜି କାନାଡାରୁ ଓଡିଶା, କାଲି ଓଡିଶାରୁ କାନାଡା ହେଇ ତମ ସାଙ୍ଗରେ ଥେ ଥେ ନାଚୁଥିବି?

ଘନଶ୍ୟାମ: ରାଗନି, ଜମା ରାଗନି ସୁପ୍ରଭା । ଏ ଦୁଃଖ-ବିପଦ ସମୟରେ ଆଗ ପଛ ନ ଭାବି ମୋତେ ଟିକିଏ ପ୍ରେରଣା ଦିଅ, ପରାମର୍ଶ ଦିଅ, ଉତ୍ସାହ ଦିଅ, ଶକ୍ତି ଦିଅ !

ସୁପ୍ରଭା: ହଇଏ ପୁଣି ତମର ବାହାପିଆ କଥା ବାହାରିଲା? କି ଦୁଃଖଟା ତମର ମୁଁ ଶୁଣେ ଟିକେ?

ଘନଶ୍ୟାମ: ସାତ ଖଣ୍ଡ ରାମାୟଣ ପଢାସରିବା ପରେ ତମେ ପଚାରୁଛ (pause ନେଇ) -- ହେତ୍ ଛାଡ, ଛାଡ ତମ ସାଙ୍ଗେ ଯୁକ୍ତିତର୍କ କରି କିଛି ଲାଭ ନାହିଁ ।

ସୁପ୍ରଭା: ଯୁକ୍ତି-ତର୍କ କିଏ ଆରମ୍ଭ କରୁଛି? ତମକୁ ତ ପଚାରୁଛି ତମର କି ଦୁଃଖ କି ବିପଦ?

ଘନଶ୍ୟାମ: ହଇଏ ସୁପ୍ରଭା -- ଓଡିଶା ଆସିବାର ମାସଟିଏ ହୋଇନାହିଁ ଘରେ ଆମର income tax ବାଲା, ପୋଲିସ ବାଲା, municipality ବାଲା ଆସି ପଶିଲେଣି । ଫୋନ ପରେ ଫୋନ କରି ଜେରା କରିବା ଆରମ୍ଭ କଲେଣି । ଆଉ ତମେ ପଚାରୁଛ ଦୁଃଖ-ବିପଦଟା କଣ ବୋଲି?

ସୁପ୍ରଭା: ମଲା ମୋର -- ଇଏଟା କି ଦୁଃଖ ବିପଦ ମ? ତମେ ପରା ଛାତିରେ ହାତ ବାଡେଇ ଗର୍ବରେ କୁହ ଓଡିଆ ପୁଅ ତୁମେ ! ଓଡିଶା ତୁମର ଘର । ଆଉ ଘର କରି ରହିଲେ ସୁଖ-ଦୁଃଖ ତ ସବୁ ଆସିବ । ଏମିତି ଭାଙ୍ଗି ପଡିଲେ ଚଳିବ ନା? ଆଉ ପୁଣି ଏ ଓଡିଶା police, income tax ବାଲାଙ୍କୁ ଆମେ ଡରିଯିବା ନା କଣ?

ଘନଶ୍ୟାମ: ସେମିତି କୁହନି ଆଉ ସୁପ୍ରଭା । ଖାଲି income tax, police ବାଲା ନୁହେଁ, ଏ ନଟଟା ଆମର ସବୁ ନାଟ ଲଗେଇ ଦେଇ ବିପଦରେ ପକେଇଦେଲା । ଦେଖୁନ ସପ୍ତାହେ ହୋଇଗଲାଣି, ନଟ ଆମର ଅନ୍ତର୍ଦ୍ଧ୍ୟାନ । ଦେଖା, ସାକ୍ଷାତ ତ ଦୂରର କଥା ଫୋନଟାଏ ମଧ୍ୟ ନାହିଁ ।

ସୁପ୍ରଭା: ଏତେଦିନ ପରେ ଠିକ୍ କଥାଟିଏ କହିଲ ତୁମେ । କଣ ହେଲା ନଟର? ସବୁବେଳେ କହୁଥିଲା income tax comissioner, police comissioner, ମନ୍ତ୍ରୀ, M.L.A., contractor ସବୁ ତାର ଚିହ୍ନା । ଏବେ ଗଲା କୁଆଡେ?

ଘନଶ୍ୟାମ: ଟାଉଟରୀ, ଟାଉଟରୀ, ସବୁ ତାର ଫାଜିଲାମି, ବାହାପିଆ କଥା । ଆମ problem ତ solve କରିବା ଦୂରର କଥା, ଆମଠୁ କଣ ଏବେ ଲୁଚିଲାଣି ।

ସୁପ୍ରଭା: ଠିକ୍ ଠିକ୍ କହୁଛ ତୁମେ । ସପ୍ତାହେ ହେଲା ତୁମେ ଫୋନ କରୁଛ, ମୁଁ ସବୁବେଳେ ତା ଘରେ ଯାଇ କବାଟ ବାଡେଉଛି । ବାବୁ ନଟବରଙ୍କର ଶୋର-ଶବ୍ଦ ନାହିଁ । ହଇଏ ଆମ problem solve କରିବା ପାଇଁ, ଉପର levelରେ କଥା ହେବା ପାଇଁ ସିଏ ଆଉ ଦିଲ୍ଲୀ, ବମ୍ବେ ପଳେଇଛି ନା କଣ?

ଘନଶ୍ୟାମ: ସେ ଦିଲ୍ଲୀ, ବମ୍ବେ, କାନାଡା, ଆମେରିକା କୁଆଡେ ଯାଇଛି କି ଆମ problem ଦେଖି ଘର କଣରେ ଲୁଚିଛି -- ସେ କଥା ଚିନ୍ତା କରିବାକୁ କି ତାକୁ ଖୋଜିବାକୁ ଆମର ଆଉ ସମୟ ନାହିଁ । ଆମେ ଆଗକୁ କଣ କରିବା -- ସେଇ କଥା ଟିକିଏ ଭାବ ।

ସୁପ୍ରଭା: ଭାବିବା ଆଉ କଣ? ସକାଳେ ସନ୍ଧ୍ୟାରେ ସେଇ ଚକା ଆଖିକୁ ଡାକୁଛି -- ହେ ପ୍ରଭୁ ଏ income tax, ଓଡିଶା ପୋଲିସ ପରେ ଆମ ଘରେ ଆଉ କାହାରି ପାଦ ନ ପଡୁ ।
[ଏ ସମୟରେ କବାଟରେ ଶବ୍ଦ]

ଘନଶ୍ୟାମ: (ଡରରେ) ଏହେ ଏହେ ଜଗା କାଳିଆକୁ ଡାକୁ ଡାକୁ କଣ ବାହାର କବାଟରେ କିଏ ଡାକ ମାରିଲାଣି, ଆସ ଲୁଚି କରି ଭିତର ପଟୁ ଦେଖ ସେପଟେ କିଏ । କବାଟ ଖୋଲନି ଜମା । କବାଟ ଖୋଲନି ।

ସୁପ୍ରଭା: କାହିଁକି ଗୋଟେ ଏମିତି ହେଉଛ? ଦେଖେ ମୁଁ କିଏ ଡାକୁଛି ।

[ସୁପ୍ରଭା କବାଟ ଖୋଲିବ । ଭିତରକୁ ନଟବର ଓ ସୁଷମା ଦେବୀଙ୍କ ପ୍ରବେଶ ।]

ନଟ: ଭାଇନା, ଭାଉଜ ନମସ୍କାର, ନମସ୍କାର । ଆଉ କେମିତି ଅଛ ସବୁ?

ଘନଶ୍ୟାମ: (ରାଗିକରି) ସାତଦିନ ହେଇଗଲା ତୋ ଦେଖା ସାକ୍ଷାତ କି ଖବର ଅନ୍ତର ନାହିଁ । ପଚାରୁଛୁ କେମିତି ଅଛି? ମାଛ, ଭାତ ଖାଇ ମହା ଆନନ୍ଦରେ ଅଛୁରେ ବାପା !

ନଟ: ହଉ ସେ ସବୁ ବିଷୟ ପରେ କଥା ହେବା । ଦେଖ ସାଙ୍ଗରେ କିଏ ଅଛନ୍ତି ।

ସୁପ୍ରଭା: ମଲା, ଆମର ଆଖି ଥାଉ ଥାଉ ଆମେ କଣ ଅନ୍ଧ ହୋଇଗଲୁଣୁ ଯେ ଆମେ ଦେଖି ପାରୁନୁ । ଏ ଭଦ୍ରମହିଳା ଜଣକ କିଏ?

ବାସ୍ତବ ଜୀବନକୁ ସରସ ଆଉ ବଞ୍ଚିବା ଉପଯୋଗୀ କରିବା ପାଇଁ ମୋର ବିଗତ ଜୀବନର ସ୍ମୃତି ଲୋଡା; ଏଇ ଘର ଛଡା କିଏ ଆଉ ସେ ସ୍ମୃତିକୁ ଆହୁତି ଦେବ ମୋ ନିଃସଙ୍ଗ ଜୀବନର ପ୍ରତି ମୁହୂର୍ତ୍ତରେ !
----- ସ୍ୱପ୍ନଲତା ରଥ, ଦୂରଦୃଷ୍ଟି, ଅଗଷ୍ଟ ୨୦୦୪



ପରାଶର ମିଶ୍ର, ସନ୍ଧ୍ୟା ପୁରୋହିତ, ଅପର୍ଣ୍ଣା ଦାଶ, ଓ ସତ୍ୟ ଦାଶ ଡ୍ରାମାର ଏକ ଘଡିସନ୍ଧି ମୁହୁର୍ତ୍ତରେ

ନଟ: ଇଏ ହେଲେ ଆମ ହରିବୋଲ partyର president ଶ୍ରୀମତୀ ସୁଷମା ଦାଶ ।
[ଘନ, ସୁପ୍ରଭା ସୁଷମା ଦେବୀଙ୍କୁ ନମସ୍କାର କରିବା ପରେ]

ଘନଶ୍ୟାମ: ସୁଷମା ଦେବୀ ଏ ହରିବୋଲ party ପୁଣି କି ପ୍ରକାର party? ନୂଆ party ଟିଏ ଗଢିଛନ୍ତି ନା କଣ?

ସୁଷମା: ଖାଲି ନୂଆ party ନୁହେଁ ଘନଶ୍ୟାମ ବାବୁ । ନୂତନ ନାମ, ନୂତନ ସ୍ୱପ୍ନ, ନୂତନ ଆଭିମୁଖ୍ୟ । ସବୁ କିଛି ନୂତନ ।

ଘନଶ୍ୟାମ: ବାଃ, ବାଃ ଭାରି ଭଲ କଥାଟିଏ । ଆମ ମୁଖ୍ୟମନ୍ତ୍ରୀଙ୍କ ନାମ ବି ତ ନୂତନ ପଟ୍ଟନାୟକ । ତାଙ୍କ ସହ ଯୋଗାଯୋଗ କେମିତି?

ସୁଷମା: ଯୋଗା ଯୋଗ କଥା କଣ ପଚାରୁଛନ୍ତି ମ ଆଜ୍ଞା? ଆପଣ ତ ଜାଣିଥିବେ ନୂତନ ବାବୁଙ୍କ partyକୁ ଏଥର ବିଧାନ ସଭା ନିର୍ବାଚନରେ ପୂର୍ଣ୍ଣ ସଙ୍ଖ୍ୟା ଗରିଷ୍ଠତା ମିଳିଲା ନାହିଁ ।

ନଟ: ଭାଇନା ନୂତନ ବାବୁଙ୍କର ନୂତନ ସରକାର କେବଳ ପରା ହରିବୋଲ partyର ସମର୍ଥନରେ ତିଷ୍ଠିଛି!

ସୁଷମା: କଥାଟାକୁ ବେଶୀ ବଢେଇ-ଚଢେଇ କହନ୍ତୁ ନାହିଁ ନଟବାବୁ । ହରିବୋଲ party, ରାମବୋଲ party, ଟେକାଟେକି party -- ସମସ୍ତେ ଆମେ coalition ଗଢି ନୂତନ ବାବୁଙ୍କୁ ସମର୍ଥନ ଦେବାରୁ ତାଙ୍କ ସରକାର ଚାଲିଛି ।

ସୁପ୍ରଭା: ଆପଣ ତାହାହେଲେ ସରକାର ଗଢୁଛନ୍ତି ଆଉ ସରକାର ଭାଙ୍ଗୁଛନ୍ତି?

ସୁଷମା: ହେଁ ସେ କଥା ନୁହେଁ ଆଉ କଣ? ଆମରି ହାତରେ ତ ଓଡିଶାର ଭାଗ୍ୟ ଡୋରୀ ! ଚୁନା ଓଡିଶାକୁ ସୁନା ଓଡିଶା କରିବା ପାଇଁ, ଅନ୍ୟାୟ ଅନୀତିକୁ ଦୃଢ ହସ୍ତରେ ଦମନ କରିବା ପାଇଁ, ଦରିଦ୍ର ନାରାୟଣଙ୍କ ସେବା ପାଇଁ ଆମେ ପରା ନୂତନ ବାବୁଙ୍କ ସହିତ ହାତ ମିଳାଇ କାମ କରୁଛୁ ।

ଘନଶ୍ୟାମ: କିନ୍ତୁ ଆମେ ତ ଛୋଟ କାଟିଆ ଲୋକ ଆଜ୍ଞା । ଆମ ସହିତ ହାତ ମିଳାଇବା ପାଇଁ ଆମ ଘରକୁ କାହିଁକି ଆସିଲେ?

ସୁଷମା: ନା ନା ସେମିତି କହନ୍ତୁ ନାହିଁ ଆଜ୍ଞା । ଆମ partyର କର୍ମକର୍ତ୍ତା ସବୁ ଖବର ସଙ୍ଗ୍ରହ କରୁଛନ୍ତି । Grass root levelରେ ପରା ଆମେ କାମ କରୁଛୁ ।

ଘନଶ୍ୟାମ: ଆମେ କିନ୍ତୁ ଆଜ୍ଞା grassରେ କି rootରେ ତ କାମ କରୁନୁ । ଆମେ ଛୋଟ କାଟିଆ କୁକୁଡା ଚାଷଟିଏ ଆରମ୍ଭ କରିଚୁ ।

ନଟ: ଏ ଭାଇନା କି କଥା କହୁଚ? କୁକୁଡା ଚାଷ କଣ ଛୋଟ କାଟିଆ କାମ । ଥାନା, municpiality, income tax office ସବୁଠି ତ ତମ poultry farm ବିଷୟ ନେଇ ଚର୍ଚ୍ଚା ଚାଲିଛି ।

ଘନଶ୍ୟାମ: ବାଃ, ବାଃ ରେ ମୋର ନଟଖଟିଆ ନଟବର । ହାଟ ମଧ୍ୟରେ ବହୁ ଜ୍ଞାନ । ଆଉ କେଉଁଠି କେଉଁଠି ତୁ ମୋ କୁକୁଡା ଚାଷ ବିଷୟରେ ଚର୍ଚ୍ଚା ଆରମ୍ଭ କରିଦେଲୁଣି କହତ?

ସୁପ୍ରଭା: ସୁଷମା ଦେବୀ, ଛାଡନ୍ତୁ ସେମାନଙ୍କ କଥା, ନଟ ତ ଆପଣଙ୍କୁ କହିଥିବେ କାନାଡାରୁ ଏଠିକି ଆସିବା ଆମର ମାସଟିଏ ମଧ୍ୟ ହୋଇନାହିଁ । ଦୁଃଖେ କଷ୍ଟେ poultry farm ଟିଏ ଚଳେଇଛୁ । Income ଜମାରୁ ନାହିଁ ଆଜ୍ଞା । କିନ୍ତୁ ଘରେ ଦେଖିଲା ବେଳକୁ income tax ବାଲା, ପୋଲିସ ବାଲା ଆସି ପଶିଲେଣି ।

ସୁଷମା: ଦୁର୍ନିତୀ, ଦୁର୍ନିତୀ, ଘୋର ଦୁର୍ନିତୀ ଆମ ରାଜ୍ୟରେ । ନୂତନ ବାବୁଙ୍କ ସରକାରକୁ ଭାଙ୍ଗିଦେବାକୁ ପଡିବ ।

ଘନଶ୍ୟାମ: ନାଇଁ, ନାଇଁ ସୁଷମା ଦେବୀ, ଏ ଭଙ୍ଗା ଗଢା କଥା ମୋଟେ ଉଠାନ୍ତୁ ନାହିଁ । ଏ ମୋ କୁକୁଡା ଚାଷ ବ୍ୟବସାୟ ପାଇଁ ଆପଣ ନୂତନ ବାବୁଙ୍କ ସରକାର କାହିଁକି ଭାଙ୍ଗିଦେବେ?

ସୁପ୍ରଭା: ହଁ ଆଜ୍ଞା, ଆପଣ ଯଦି ଖାଲି ଏତିକି ପାରିବେ ସେ income tax ଆଉ police ବାଲାଙ୍କୁ ବୁଝେଇ ଦିଅନ୍ତୁ ଆମ ପଛରେ ପଡି ଆମକୁ ହଇରାଣ ନ କରନ୍ତୁ ।

ସୁଷମା: ଆପଣ ମୋତେ କଣ ବୋଲି ପାଇଲେ କି? Income tax commissionerଠୁ ଆରମ୍ଭ କରି police commissioner, କେତେ M.L.A, ମନ୍ତ୍ରୀ କେବଳ ମୋରି ପାଇଁ ଏ ସହରରେ ଗାଦି ଜମେଇ ବସିଛନ୍ତି ।

ନଟ: High level contact ଆମର ସୁଷମା ଦେବୀଙ୍କର । Direct hot line contact ସିଧା ମୁଖ୍ୟମନ୍ତ୍ରୀଙ୍କ ସହିତ । କାହିଁକି ଭାଇନା-ଭାଉଜ ବ୍ୟସ୍ତ ହେଉଛ?

ଘନଶ୍ୟାମ: ବ୍ୟସ୍ତ ହେବୁନି ଆଉ କଣ ଖୁ ସି ରେ ସାଇପଡିଶାଙ୍କୁ ଡାକି ତୁବି-ତାବଲା ହାରମୋନିୟମ ଧରି ଗୀତ ଗାଇବୁ ନା ନାଚିବୁ?

ସୁଷମା: ଲୁଚାଲୁଚି, ତରାତରିର ପ୍ରଶ୍ନ ଆଉ ଏବେ ନାହିଁ ଘନଶ୍ୟାମ ବାବୁ । ହରିବୋଲ partyର ପୂର୍ଣ୍ଣ ସମର୍ଥନ ଆପଣଙ୍କୁ ମିଳିବ ।

ସୁପ୍ରଭା: Party ଫାର୍ଟିର ପୂର୍ଣ୍ଣ ସମର୍ଥନ ଆମକୁ ଦରକାର ନାହିଁ ଆଜ୍ଞା । ଛୋଟ କାଟିଆ ସାହାଯ୍ୟ ଟିକିଏ କରନ୍ତୁ । ଆମ poultry farm ପଛରେ ଯେମିତି ଆଉ କିଏ ନ ପଡୁ ।

ନଟ: ସେଇ poultry farm କଥା ହେବା ପାଇଁ ତ ଆଜି ଆପଣଙ୍କ ଘରକୁ ଆସିଲୁ ।

ସୁଷମା: ବିଦେଶ ଫେରନ୍ତା ଓଡିଆ-ପୁଅ ବୋହୁ ଆପଣ । କୁହନ୍ତୁ ଟିକିଏ ଆପଣଙ୍କ poultry farm କିପରି ଚାଲିଛି?

ଘନଶ୍ୟାମ: ଚାଲିବ କଣ ଆଜ୍ଞା? ବହୁତ ବାଧା-ବିଘ୍ନ, ସମସ୍ୟା ନେଇ ମୋ କୁକୁଡା ଚାଷଟି ଛୋଟେଇ ଛୋଟେଇ ଭାଙ୍ଗି ପଡିବାକୁ ପଶିଲାଣି । ଆଜ୍ଞା ଘୋଡା ଛଅ ଟଙ୍କାକୁ ଦାନା ନଅ ଟଙ୍କା ହେଲାଣି ।

ସୁଷମା: କୁହନ୍ତୁ, କୁହନ୍ତୁ ମନ ଖୋଲି କରି ସବୁ କୁହନ୍ତୁ । କାନାଡାର background, experience ଧରି ଓଡିଶା ଫେରିବା ଆଉ ଆମ ସହରରେ ଆପଣ poultry farm ଖୋଲିବା ଆମ ସମସ୍ତ ଓଡିଆଙ୍କ ପକ୍ଷରେ ବଡ ଗର୍ବର ବିଷୟ । କୁହନ୍ତୁ, କୁହନ୍ତୁ କଣ ସବୁ ଖାଇବାକୁ ଦେଉଛନ୍ତି?

ଘନଶ୍ୟାମ: କହିଲି ପରା ଆଜ୍ଞା ଘୋଡା ଛଅ ଟଙ୍କାକୁ ଦାନା ନଅ ଟଙ୍କା ହେଲାଣି । ଆମ ଦେଶରେ ଲକ୍ଷ, ଲକ୍ଷ ଲୋକ ବଗଡା ଭାତ ମୁଠାଏକୁ ଡାଲି ପାଣି ଟିକିଏ ଖାଇବାକୁ ପାଉ ନାହାନ୍ତି -- ଆଉ ଆମେ ଏ କୁକୁଡାଙ୍କୁ କାଜୁ, କିସମିସ, ବାଦାମ ଖାଇବାକୁ ଦେବୁ ନା ଦୁଧ ପିଇବାକୁ ଦେବୁ?

ନଟ: ବାଃ, ବାଃ କି ଆଦର୍ଶ ! ଦରିଦ୍ର ଲୋକଙ୍କ ପାଇଁ କେତେ ଦରଦ, ସହାନୁଭୂତି?

ସୁଷମା: ହଉ କୁହନ୍ତୁ ଜଲଦି କୁହନ୍ତୁ ଆପଣ କୁକୁଡାଙ୍କୁ କଣ ସବୁ ଖାଇବାକୁ ଦେଉଛନ୍ତି?

ଘନଶ୍ୟାମ: କହୁଛି, କହୁଛି ଆଜ୍ଞା ଟିକିଏ ଧୈର୍ଯ୍ୟ ଧରନ୍ତୁ ।

ସୁପ୍ରଭା: ଏ ଯାହା କିଛି କହୁଛ ଟିକିଏ ଆଗପଛ ଭାବିକରି କୁହ ।

ଘନଶ୍ୟାମ: କହୁଛି, କହୁଛି ବ୍ୟସ୍ତ କାହିଁକି? ବୁଝିଲେ ସୁଷମା ଦେବୀ । ପ୍ରତିଦିନ ସକାଳେ ଆମେ ପ୍ରତିଟି କୁକୁଡାଙ୍କୁ ଗଣି ଗଣି ୧୦ଟଙ୍କା ଧରେଇ ଦଉଛୁ । ସେମାନେ ବାହାରକୁ ଯାଇ, ବଜାର ବୁଲି ତାଙ୍କ ଇଚ୍ଛାରେ ୧୦ଟଙ୍କାରେ ଯାହା ଖାଇ-ପିଇ ମହା ଆନନ୍ଦରେ ସନ୍ଧ୍ୟାରେ farmକୁ ଫେରୁଛନ୍ତି ।

ନଟ: ଭାଇନା ଏ ତ ପୁରା ନୂଆ କଥା । କାହିଁ ମୁଁ ତ କିଛି ଜାଣିନି? ମୋତେ ସବୁ କଥା ଲୁଚେଇଛ ନା କଣ?

ସୁଷମା: ନଟବର ବାବୁ, ଆପଣ ଦୟାକରି ଚୁପ ରହିଲେ । କୁହନ୍ତୁ ଘନଶ୍ୟାମ ବାବୁ କୁହନ୍ତୁ ।

ଘନଶ୍ୟାମ: ଆଉ ପୁଣି କଣ କହିବି ଆଜ୍ଞା -- କୁକୁଡାଙ୍କ choice, independence ଯାହା ଖାଇବେ ଯାହା କରିବେ । ଆମେ ମୋଟେ interfere କରୁନୁ ।

ସୁଷମା: ଚମତ୍କାର, ଚମତ୍କାର ଏ canadian philosphy ନୂତନ ଆଭିମୁଖ୍ୟ । କୁକୁଡାଙ୍କର personal choice, independence, ସ୍ୱାଧୀନତା, ବାଃ, ବାଃ ।

ସୁପ୍ରଭା: ଏଥର ତାହାଲେ ଆମେ ଏ income tax ବାଲାଙ୍କ କବଳରୁ ଓ police ଝାମେଲାରୁ ମୁକ୍ତି ପାଇବୁ?

ନଟ: ଭାଉଜ ଏତେ ବଡ, ବଡ, ଗମ୍ଭୀର ମୋଟା ମୋଟା ଦର୍ଶନ ଶାସ୍ତ୍ର ଆଲୋଚନା ବେଳେ ତମେ ଏ ଖୁଚୁରା income tax, ଓଡିଶା police କଥା ଉଠାଅ ନାହିଁ । ସୁଷମା ଦେବୀ ମୁଁ କଣ କହୁଥିଲି କି

-- ଦେଖିଲେ ତ ଭାଇନା ଆମର , ଶୁଣିଲେଟି ଭାଇନାଙ୍କ କଥାବାର୍ତ୍ତା ।

ସୁଷମା: ସବୁ ଶୁଣିଲି ଯେ, କିନ୍ତୁ ଏ canadian philosophy ପୁରା ଟେକି ଆଣି ଓଡିଶାରେ ଥୋଇହେବ ନାହିଁ । ମୁଁ ଭାବୁଛି ...

ଘନଶ୍ୟାମ: କଣ ପୁଣି ଭାବିଛନ୍ତି ଆଜ୍ଞା? କୁହନ୍ତୁ, କୁହନ୍ତୁ?

ସୁଷମା: ଆପଣ ତ ଆମ ଦେଶ ଦୁଃଖ, ଦାରିଦ୍ର୍ୟତା ବିଷୟରେ ଅନ୍ଯେ ବହୁତେ ଜାଣିଛନ୍ତି । ଆପଣଙ୍କୁ ଲାଗୁନି ଗୋଟିଏ କୁକୁଡାକୁ ପ୍ରତିଦିନ ୧୦ଟଙ୍କା ଦେବା ଟିକିଏ ବେଶୀ ପଇସା ହେଇଯା ଉଛି?

ସୁପ୍ରଭା: ଠିକ୍ ଠିକ୍ କହିଲେ ସୁଷମା ଦେବୀ, ମାସେ ହେଲା ମୁଁ ୟାଙ୍କ ସାଙ୍ଗରେ ଲାଗିଛି । ହଇଏ ୧୦ ଟଙ୍କା ନ ଦେଇ ପ୍ରତି କୁକୁଡାଙ୍କୁ ୫ ଟଙ୍କା ଦିଅ । ହେଲେ ୟେ ମୋ କଥା ଜମା ଶୁଣୁ ନାହାନ୍ତି । ଆପଣ ଟିକିଏ ବୁଝାନ୍ତୁ ।

ନଟ: ବୁଝେଇବି, ବୁଝେଇବି । ବୁଝେଇବା ପାଇଁ ତ ସମୟ ବାହାର କରି ତମ ଘରକୁ ଆସିଛି ।

ଘନଶ୍ୟାମ: ପୁଣି କି ନୂଆ କଥା ବୁଝେଇବୁ ରେ ନଟ?

ସୁଷମା: କଥାଟା ବୁଝନ୍ତୁ ଘନଶ୍ୟାମ ବାବୁ । ଏଥର ପ୍ରତିଟି କୁକୁଡାଙ୍କୁ ଦିନକୁ ଦଶ ଟଙ୍କା ନ ଦେଇ ୩ ଟଙ୍କା ଦିଅନ୍ତୁ ।

ଘନଶ୍ୟାମ: ଆଉ ବାକୀ ସାତ ଟଙ୍କା ଆଜ୍ଞା ।

ସୁଷମା: ପ୍ରତିଟି କୁକୁଡାରୁ ୭ ଟଙ୍କା save କରି ଯାହା total saving ହେବ ତାକୁ ଆପଣ ଆମର ହରିବୋଲ partyର ପାଣ୍ଠିରେ ପକେଇ ଦିଅନ୍ତୁ । ଆମର ଚୁନା ଓଡିଶାକୁ ସୁନା କରିବାରେ ଆପଣଙ୍କ ପଇସା ବହୁତ କାମରେ ଆସିବ ।

ଘନଶ୍ୟାମ: କିନ୍ତୁ ...

ସୁପ୍ରଭା: ପୁଣି ଗୋଟାଏ ମଝିରେ ଛିଙ୍କୁଛ କାହିଁକି? କିନ୍ତୁ ପୁଣି କଣ?

ଘନଶ୍ୟାମ: କିନ୍ତୁ ଏ ଚୁନାର ଓଡିଶାକୁ ସୁନା କରିବାକୁ ଯାଇ ହରିବୋଲ partyର ପାଣ୍ଠିରେ ପଇସା ଦେଲେ ମୋ କୁକୁଡା ଚାଷ ସମସ୍ୟାର ସମାଧାନ କେମିତି ହେବ?

ନଟ: ସମାଧାନ ହେବ ଭାଇନା । ସମାଧାନ ହେବ । ତମେ ଆଉ ଏଥର କୁଣ୍ଠାବୋଧ ନ କରି, ଆଗ ପଛ ନ ଭାବି ହରିବୋଲ partyର ପାଣ୍ଠିକୁ donation ଦେବା ଆରମ୍ଭ କରିଦିଅ ।

ସୁଷମା: ଆଉ ଥରେ ଆମ party member ହେଇ ଆମକୁ donation ଦେବା ଆରମ୍ଭ କଲେ ଏ ଖୁଚୁରା income tax ବାଲା, police ବାଲା ଆପଣଙ୍କ ପାଖକୁ ଆସିବାକୁ ଡରିବେ ।

ନଟ: ଆଉ ତା ସହିତ ମୋ ଭାଇନା-ଭାଉଜଙ୍କ ସମସ୍ୟା ଏଥର ହରିବୋଲ partyର ସମସ୍ୟା ହୋଇଯିବ । Police harassment, red tape, bureaucracy ଆରେ ଇଏ କି କଥା? ଆମେ ମୋର୍ଚ୍ଚା ବାହାର କରିବୁ । ହରିବୋଲ party ବିଧାନ ସଭା ଆଗରେ ଧାରଣା ଦେବା ଆରମ୍ଭ କରିଦେବ । ... ବଡ levelରେ ଆମେ politics କରିବା । ବିଧାନ ସଭା ଭାଙ୍ଗିଦେବା ।

ଘନଶ୍ୟାମ: ଆରେ ଏ ନଟ କହୁନୁ ଫେରେ ମୋ କୁକୁଡା ଚାଷ ପାଇଁ ଓଡିଶା ବିକି ଦେବା, ଆମେରିକା କିଣି ଦେବା । ମୋତେ ଆଉ ଗଛରେ ଚଢାନାରେ ବାପା ।

ସୁଷମା: କାହିଁ ଆପଣ ବ୍ୟସ୍ତ ହେଉଛନ୍ତି ଘନଶ୍ୟାମ ବାବୁ । କିଛି ବିକିବାନି, କିଛି କିଣିବାନି । କିଛି ଭାଙ୍ଗିବାନି କିଛି ଗଢିବାନି । ଆପଣ ଖାଲି ଆମ ହରିବୋଲ partyର member ହୋଇ donation ଦେବା ଆରମ୍ଭ କରନ୍ତୁ ... ତା' ପରେ ଆମେ ସବୁ ବୁଝିବୁ ।

ଘନଶ୍ୟାମ: ଏ ସୁପ୍ରଭା ତମେ କଣ କଥାଟା କିଛି ବୁଝୁଛ?

ସୁପ୍ରଭା: ମୁଁ ଆଉ କଣ ବୁଝିବି? ଏତିକି ବୁଝିଲି ଯେ ପ୍ରତିଟି କୁକୁଡାକୁ ସାତ ଟଙ୍କା ଦିନକୁ ଗଣି ହିସାବ କରି ହରିବୋଲ partyକୁ donation ଦେବା ଆରମ୍ଭ କରିବା ।

ସୁଷମା: ବାଃ, ବାଃ ଠିକ୍ ବୁଝିଲେ ଆପଣ ସୁପ୍ରଭା ଦେବୀ । ଏଥର ଆପଣଙ୍କ କୁକୁଡା ଖୁସି, ହରିବୋଲ party ଖୁସି, ଆମ ଦେଶ ଜନତା ଖୁସି, ଆପଣ ଖୁସି, ଆମେ ଖୁସି ।

ଘନଶ୍ୟାମ: ଏଁ ସମସ୍ତେ ଖୁସି, କିନ୍ତୁ ମୁଁ ତ ଏ ଯାଏ ଖୁସି ହେଇନାହିଁ ମୁଁ ତ କିଛି ବୁଝି ପାରୁନାହିଁ ।

ସୁଷମା: ନଟବର ବାବୁ ମୋର ଆଉ ଗୋଟେ important appointement ଅଛି । ଚାଲନ୍ତୁ ଆମେ ଯିବା ।

ନଟ: ହଉ ଭାଇନା ଆମେ ଆସୁଛୁ । ମୁଁ ପରେ ଆସିକି ସବୁ ବଢିଆ କିଣା ବୁଝେଇଦେବି । ତୁମେ ନିଶ୍ଚିନ୍ତ ରୁହ ।

ସୁପ୍ରଭା**:** ମୁଁ ତମ ପାଇଁକି ଅଦା ଛେଚା ଚାହା ନେଇକି ଆସୁଚି । ତମେ ବିଶ୍ରାମ କର ।

ଘନଶ୍ୟାମ**:** ଆପଣ କିଛି ବୁଝିଲେ ଆଜ୍ଞା । ଓଡିଶା ବାହାରେ କାନାଡାରେ ୧୦ ବର୍ଷ ରହି ମୁଁ ମୋ ଓଡିଶାକୁ ବୁଝି ପାରିଲି ନାହିଁ । ଓଡିଶା ଫେରି କୁକୁଡା ଚାଷ ଆରମ୍ଭ କରି ପୁଣି ଓଡିଶାକୁ ବୁଝିପାରିଲି ନାହିଁ । ଆଉ ନଟ ଏବଂ ସୁଷମା ଦେବୀ ଯଦି ମୋତେ ବୁଝାଇ ନ ପାରିବେ ମୁଁ ଆପଣମାନଙ୍କ ସମ୍ମୁଖରେ ପୁଣି ହାଜିର ହେବି । ଆପଣଙ୍କ ଅଦାଲତ୍‌ରେ ବିଚାର କରି ଆପଣମାନେ ହିଁ ମୋତେ ବୁଝେଇବେ ବୋଲି ଅନୁରୋଧ ରହିଲା ।

---

## ପ୍ରହେଳିକା**:** କବିତାର ନାଁଟିଏ ଦେଇପାରିବେ?

ବିଜୟ ମୋହନ ମିଶ୍ର, ବୋଷ୍ଟନ, ଯୁକ୍ତରାଷ୍ଟ୍ର ଆମେରିକା

ବାଳୁତର ଚପଳତା ଦୁଷ୍କର୍ମିର ହସ,
ମାଁ କହେ ଏଇତ ମୋର ପୁଅର ସାହସ ।
ସନ୍ଧ୍ୟା ସମିରଣ କିନ୍ତୁ ପଦ୍ମ ଶିଥିଳତା,
ତପନେ ତାହାର ଭାବ ତହିଁରେ ସ୍ଥିରତା ।
ପ୍ରାବୃତ ପ୍ରକୃତି ଧରା ଧରଣୀ ତାଣ୍ଡବ,
ଚଷି କହେ ମାଟି ପରେ ଏହା ଠାକୁରର ଠାବ ।
ଜନକନନ୍ଦିନୀ କଲେ ପାର୍ବତିର ପୂଜା,
ଘୋଷି ଉଠେ ଭକ୍ତ ମନେ ବୀର ଧନୁର୍ଧର ସଜା ।

ନାଁଟି **duradrusti@odiya. org**କୁ **mail** କରିବେ ।

ତଳୁ ଉପରକୁ ଉଠିଥିବା ଲୋକ
ଜାଣିଥାଏ ତଳ କଥା
ଉଚ୍ଚାସନେ ଥାଇ ଯତ୍ନ କରିଥାଏ
ହରିବାକୁ ତଳ ବ୍ୟଥା ।
----- ଗଙ୍ଗାଧର